## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ଅଟକ ଯୁବକ ଗିରଫ

**ଆସିକା,୨୬।୬ (ଡି.ଏନ୍.ଏ.):** ଆସିକା ଥାନା ଇଲାକାରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଟକ ରଖିଥିବା ଯୁବକଙ୍କୁ ବୁଧବାର ଗିରଫ କରିଛି। ସେ ହେଲେ ମଙ୍ଗୁଲୁ ଗୌଡ (୨୩) । ତାଙ୍କ ବିରୋଧରେ ଦଣ୍ଡବିଧି ଆଇନର ୩୭୬ (୩), ୪୫୮ ଓ ୪ ପକ୍ସୋ ଆଇନରେ ଆସିକା ଥାନାରେ ନଂ.୨୦୦/୧୯ରେ ମାମଲା ରୁଜୁ କରାଯାଇଛି। ଅପରାହ୍ନରେ ବ୍ରହ୍ମପୁରସ୍ଥିତ ପକ୍ସୋ ଅଦାଲତରେ ଅଭିଯୁକ୍ତଙ୍କୁ ହାଜର କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି। ଗତ ୧୮ ତାରିଖ ରାତିରେ ମଙ୍ଗୁଲୁ ନାବାଳିକାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ । ନାବାଳିକାଙ୍କ ମା' ଏ ସମ୍ପର୍କରେ ଜାଣିବା ପରେ ସୋମବାର ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମଙ୍ଗଳବାର ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲା। ଆସିକା ଡାକ୍ତରଖାନାରେ ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା ।

### କେନାଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଦିଗପହଣ୍ଡି,୨୬।୬(ଡି.ଏନ.ଏ.):** ଦିଗପହଣ୍ଡିଠାରୁ ୧ କିମି ଦୂର ନବରଙ୍ଗପୁର ଗ୍ରାମ ନିକଟ କେନାଲରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଏସ.ଗୋପାଳପୁର ଗ୍ରାମର ରଘୁ ଗୌଡା। ସୂଚନା ଅନୁସାରେ, ରଘୁ ଶନିବାର ଠାରୁ ନିଖୋଜ ଥିଲେ। ମଙ୍ଗଳବାର ସେ କେନାଲ ପାଖରେ ବସିଥିବା କେତେଜଣ ଲୋକ ଦେଖିଥିଲେ। ରାତିରେ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ମଧ ରଘୁଙ୍କ ସନ୍ଧାନ ପାଇ ନ ଥିଲେ। ବୁଧବାର ସକାଳେ କେନାଲ ରାସ୍ତା ଦେଇ ଯାଉଥିବା ଲୋକେ ପାଣିରେ ଏକ ମୃତଦେହ ପଡ଼ିଥିବା ଦେଖି ଦିଗପହଣ୍ଡି ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ଦମକଳବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିବା ପରେ ତାହା ରଘୁଙ୍କର ବୋଲି ଜଣାପଡିଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୪/୧୯) ହୋଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିବା ଥାନା ଅଧିକାରୀ ଗୌରାଙ୍ଗ ଚରଣ ସାହୁ କହିଛନ୍ତି।

### ଅବ୍ୟକ୍ତ ସ୍ମୃତି ଦିବସ

**ଆସିକା,୨୬।୬(ଡି.ଏନ୍.ଏ.):** ମାଉଣ୍ଟଆବୁସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପ୍ରଥମ ମୁଖ୍ୟ ପ୍ରଶାସିକା ମାତେଶ୍ୱରୀ ଜଗଦମ୍ବା ସରସ୍ୱତୀଙ୍କ ୫୪ତମ ତିରୋଧାନ ଦିବସ ସୋମବାର ଆସିକାସ୍ଥିତ ଶାନ୍ତିଶକ୍ତିଭବନଠାରେ ଅବ୍ୟକ୍ତ ସ୍ମୃତି ଦିବସ ଭାବେ ପାଳିତ ହୋଇଥିଲା। ଆସିକାର ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ତହସିଲଦାର୍ ସୁବାସ ଚନ୍ଦ୍ର ସେଠିଆ ଏବଂ ଏନ୍ଏସି କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମୀ ସିଂ ଯୋଗଦେଇ ମାତେଶ୍ୱରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶାନ୍ତି ଶକ୍ତି ଭବନର ସଂଚାଳିକା ପ୍ରଭାତୀ ମାତେଶ୍ୱରୀଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନର ସ୍ମୃତିଚାରଣ କରି ମାତ୍ର ୧୪ ବର୍ଷ ବୟସରେ ସେ ସମାଜର ସାମୁହିକ ହିତ ନିମନ୍ତେ କିଭଳି ସମର୍ପିତ ହୋଇଥିଲେ ତାହା ବିସ୍ତୃତ ଆଲୋଚନା କରିଥିଲେ। ଅତିଥିମାନେ ରାଜଯୋଗ ସମ୍ପର୍କରେ ନିଜସ୍ୱ ଅନୁଭୂତି ବର୍ଣ୍ଣନା କରିବା ସହ ଏହାକୁ ଆପଣେଇ ସୁନ୍ଦର ଜୀବନଯାପନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ବ୍ରହ୍ମକୁମାର ସତ୍ୟପ୍ରିୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପନ୍ଦରା ସମାଜର ବାର୍ଷିକ ସମ୍ମିଳନୀ

**ଆସିକା,୨୬।୬(ଡି.ଏନ୍.ଏ.):** ଆସିକା ବ୍ଲକ୍ ଦେବଭୂମି ଗ୍ରାମରେ ରବିବାର ଆସିକା ଖାଲସା ତାଲୁକା ପନ୍ଦରା ସମାଜର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଭାପତି ରାମଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ନିଖିଳ ଓଡିଶା ପନ୍ଦରା ସମାଜ ସମ୍ପାଦକ ଚନ୍ଦ୍ର ଶେଖର ବାଡତ୍ୟା ମୁଖ୍ୟ ଅତିଥିଭାବେ ଯୋଗଦେଇ ପନ୍ଦରା ଜାତିର ଐକ୍ୟ, ସଂସ୍କୃତି ଓ ପରମ୍ପରା ବଜାୟ୍ ରଖିବା ନିମନ୍ତେ ନିବେଦନ କରିଥିଲେ। ସମାଜରେ ନାରୀ ଶିକ୍ଷା, ମହିଳା ସଶକ୍ତିକରଣ, ସ୍ୱଚ୍ଛତା ଓ କର୍ମପ୍ରବଣତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପନ୍ଦରା ଜାତିକୁ କ୍ଷୁଦ୍ରଚାଷୀର ମାନ୍ୟତା ପ୍ରଦାନ କରି ସରକାରୀ ସହାୟତା ଦେବା ନିମନ୍ତେ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ ସମାଜର କୃତି ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଆସିକା ବ୍ଲକର ପ୍ରାୟ୍ ୧୫ରୁ ଊର୍ଦ୍ଧ୍ୱ ଗ୍ରାମରେ ବସବାସ କରୁଥିବା ପନ୍ଦରା ସମାଜର ପ୍ରତିନିଧିମାନେ ଯୋଗ ଦେଇଥିଲେ। ମଦନମୋହନ ବାଡତ୍ୟା, ନିତ୍ୟାନନ୍ଦ ବାଡତ୍ୟା, ଅଭିମନ୍ୟୁ ବାଡତ୍ୟା, ସନ୍ତୋଷ ବାଡତ୍ୟା, ପ୍ରକାଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷା ଅଧିକାର ଆଇନ ଉଲ୍ଲଂଘନ, ଘରୋଇ ସ୍କୁଲରେ ପଡୁଛି ତାଲା

# ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ଅଭିଭାବକ

**ଭଞ୍ଜନଗର,୨୬।୬(ଡି.ଏନ.ଏ)**

ଶିକ୍ଷା ଅଧିକାର ଆଇନ ଉଲ୍ଲଂଘନ କରୁଥିବା ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରାଯାଉଛି। ଭଞ୍ଜନଗର ଉପଖଣ୍ଡରେ ଗତ ୩ ଦିନ ହେଲା ଏହି ପ୍ରକ୍ରିୟା ଚାଲିଛି। ସୋମବାର ପ୍ରଥମ ଦିନ ଜଗନ୍ନାଥପ୍ରସାଦ ବ୍ଲକର ୧୬, ମଙ୍ଗଳବାର ଭଞ୍ଜନଗର ବ୍ଲକର ୨ଟି ଶିକ୍ଷାନୁଷ୍ଠାନ ସିଲ୍ କରାଯାଇଛି। ବୁଧବାର ତୃତୀୟ ଦିବସରେ ବେଲଗୁଣ୍ଠା ବ୍ଲକର କେତେକ ଶିକ୍ଷାନୁଷ୍ଠାନ ସିଲ୍ ହୋଇଛି। ଶିକ୍ଷାନୁଷ୍ଠାନ ଗୁଡ଼ିକରେ ନାମଲେଖା ସରିବାର ୩ମାସ ପରେ ପ୍ରଶାସନର ଏପରି କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପିଲାଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ବନ୍ଦ ହେଉଥିବା ଘରୋଇ ସ୍କୁଲରୁ ଟିସି ନେଇ ସରକାରୀ ସ୍କୁଲକୁ ନାମ ଲେଖାଇବାକୁ ଚାହିଁଲେ ସେଠାରେ ହଠାତ୍ ଏତେ ସଂଖ୍ୟକ ପିଲାଙ୍କ ପାଇଁ ଭିତ୍ତିଭୂମି ନାହିଁ। ତେଣୁ ପ୍ରଶାସନର ଏହି ନିଷ୍ପତ୍ତିକୁ ନେଇ ଘରୋଇ ଶିକ୍ଷାନୁଷ୍ଠାନ କର୍ମକର୍ତ୍ତା ଓ କର୍ମଚାରୀମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହା ପ୍ରତିବାଦରେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ସଜବାଜ ଚାଲିଛି।

ତାଲିମପ୍ରାପ୍ତ ଶିକ୍ଷକ ଓ ଆବଶ୍ୟକ ଅନ୍ୟାନ୍ୟ ଭିତ୍ତିଭୂମି ନ ଥିବା ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ସିଲ୍ କରିବା ପାଇଁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଉକ୍ତ ନିର୍ଦ୍ଦେଶ ପ୍ରକାରେ ବିଦ୍ୟାଳୟଗୁଡ଼ିକୁ ସିଲ୍ କରାଯାଉଛି। ଯେଉଁ ଘରୋଇ ସ୍କୁଲ କୈଫିୟତର ଉତ୍ତର ଦେବାସହ ଏନଓସି ପାଇଁ ଆବେଦନ କରିଛନ୍ତି ସେଗୁଡ଼ିକର ଭବିଷ୍ୟତ ଆସନ୍ତା ୩୦ ତାରିଖ ପରେ ନିର୍ଦ୍ଧାରଣ ହେବ। ଘରୋଇ ଶିକ୍ଷାନୁଷ୍ଠାନରେ ଏଭଳି ଅବସ୍ଥା ଦେଖି ହାତଗଣତି କେତେଜଣ ଛାତ୍ରୀଛାତ୍ର ବର୍ତ୍ତମାନ ସରକାରୀ ଶିକ୍ଷାନୁଷ୍ଠାନରେ ଯାଇ ନାମ ଲେଖାଇଥିବା ବେଳେ କେତେକ ଘରୋଇ ଶିକ୍ଷାନୁଷ୍ଠାନ କର୍ମକର୍ତ୍ତା ଅଭିଭାବକଙ୍କୁ କିଛିଦିନ ପାଇଁ ଅପେକ୍ଷା କରିବାକୁ ଆଶ୍ୱାସନା ଦେଉଛନ୍ତି। ଚଳିତ ଶିକ୍ଷାବର୍ଷ ପାଇଁ ପ୍ରଶାସନ ଘରୋଇ ସ୍କୁଲ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି କିଛି ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି। ବୁଧବାର ଜଗନ୍ନାଥପ୍ରସାଦ ବ୍ଲକର କିଛି ଘରୋଇ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ଶିକ୍ଷା ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଶିକ୍ଷାନୁଷ୍ଠାନ ଗୁଡ଼ିକ ବନ୍ଦ ହେଲେ ହଜାର ହଜାର କର୍ମଚାରୀ ଚାକିରି ହରାଇବେ।

# ନିଶାମୁକ୍ତି ସଚେତନତା ଶୋଭାଯାତ୍ରା



ଶୋଭାଯାତ୍ରା ସହର ପରିକ୍ରମା କରୁଛି।

**ଆସିକା,୨୬।୬(ଡି.ଏନ୍.ଏ.)**

ଆନ୍ତର୍ଜାତିକ ନିଶାମୁକ୍ତି ଦିବସ ଅବସରରେ ବୁଧବାର ସ୍ଥାନୀୟ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତି ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ବସଷ୍ଟାଣ୍ଡସ୍ଥିତ ଶାନ୍ତି ଶକ୍ତି ଭବନରୁ ଏହି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଜନସାଧାରଣ ନିଶା ଦ୍ରବ୍ୟ ସେବନରୁ ନିଜକୁ ଦୂରେଇ ରଖି ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ଜୀବନ ଜିଇଁବାକୁ ଆହ୍ୱାନ ଦିଆଯାଇଥିଲା । ଆସିକା ଅବକାରୀ ବିଭାଗ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ବ୍ରହ୍ମକୁମାରୀ ପ୍ରଭାତୀ, ସତ୍ୟପ୍ରିୟ ରଥ, ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ବଳରାମ ସାହୁ, ଜଳନ୍ଧର କାର୍ଜିଙ୍କ ସମେତ ବହୁ ବ୍ୟକ୍ତି ସାମିଲ ଥିଲେ ।

# ସୁରକ୍ଷା ସଚେତନ କଲା ରେଲୱେ ବିଭାଗ

**ଛତ୍ରପୁର,୨୬।୬(ଡି.ଏନ.ଏ)**

ରେଲୱେ ପୋଲିସ ଫୋର୍ସ, ଷ୍ଟେଶନ କର୍ମଚାରୀ ପକ୍ଷରୁ ମିଳିତ ଭାବେ ବୁଧବାର ବିଶ୍ୱ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି। ଏଥିସହ ରେଲୱେ ସୁରକ୍ଷା, ମହିଳାମାନେ ସୁରକ୍ଷା ନେଇ ଆଲର୍ଟ ରହିବା ଉପରେ ମଧ ସଚେତନତା କାର୍ଯ୍ୟକ୍ରମ ରେଲୱେ ଆରପିଏଫ ଏବଂ ଷ୍ଟାଫ୍ ପକ୍ଷରୁ ଆୟୋଜିତ ହୋଇଥିଲା। ଛତ୍ରପୁର ଷ୍ଟେଶନ, କୋର୍ଟ ଷ୍ଟେଶନ ଓ ଗଞ୍ଜାମ ଷ୍ଟେଶନଠାରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଯାତ୍ରୀ, ମହିଳା ଯାତ୍ରୀମାନଙ୍କୁ ସୁରକ୍ଷା ଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ସଚେତନ କରାଯାଇଥିଲା। ଟ୍ରେନ୍ ଯାତ୍ରାବେଳେ ଆବଶ୍ୟକ ପଡିଲେ ସୁରକ୍ଷା ହେଲ୍ପ୍ ଲାଇନ୍ ତଥା ଟୋଲଫ୍ରି ନଂ ୧୮୨ କୁ ଫୋନ୍ କରିବାକୁ ପରାମର୍ଶ ଦିଆଯାଇଥିଲା। ଫୋନ୍ ପାଇବା ପରେ ଆରପିଏଫ୍ ସୁରକ୍ଷା ଯୋଗାଇ ଦେବେ ବୋଲି କୁହାଯାଇଥିଲା । ଏଥିସହ କୋର୍ଟ ଷ୍ଟେଶନ ଓ ଗଞ୍ଜାମ ଷ୍ଟେଶନ ନିକଟରେ ରେଲୱେ ଫାଟକ ନିକଟକୁ ଯାଇ ପାର ହେବାକୁ ଅପେକ୍ଷା କରିଥିବା ଲୋକଙ୍କୁ ମଧ ସଚେତନ କରାଯାଇଥିଲା । ଫାଟକ ବନ୍ଦ ଥିଲେ ଖୋଲିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କୁହାଯାଇଥିଲା । ନୀତିନିୟମକୁ ମାନିଲେ ସମସ୍ତେ ସୁରକ୍ଷିତ ହୋଇପାରିବା ବୋଲି କୁହାଯିବା ସହ ରାଲି କରାଯାଇ ସଚେତନ କରାଯାଇଥିଲା ।



ଲୋକଙ୍କୁ ସଚେତନ କରାଯାଉଛି ।

# ରାଜ୍ୟପାଳ ଗଞ୍ଜାମ ଆସିବେ ଆଜି

**ଛତ୍ରପୁର,୨୬।୬(ଡି.ଏନ.ଏ.)**

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଗୁରୁବାର ଦିନିକିଆ ଗଞ୍ଜାମ ଜିଲା ଗସ୍ତରେ ଆସିବା କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି । ବୁଧବାର ଏ ସମ୍ପର୍କରେ ଛତ୍ରପୁରସ୍ଥିତ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ରାଜ୍ୟପାଳ ଗୁରୁବାର ପୂର୍ବାହ୍ନ ୧୧ଟାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗେଷ୍ଟ ହାଉସ ଠାରେ ପହଞ୍ଚିବେ। ୧୧ଟା ୩୦ରେ ବିଶ୍ୱବିଦ୍ୟାଳୟର ବିଭିନ୍ନ କୋଠାର ଭିତ୍ତିପ୍ରସ୍ତର ଓ ଉଦ୍ଘାଟନ କରିବେ। ପରେ ବିଶ୍ୱବିଦ୍ୟାଳୟ ସମ୍ମିଳନୀ ଗୃହରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେଇ ଉଦବୋଧନ ଦେବେ। ସେଠାରୁ କାର୍ ଯୋଗେ ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁସ୍ଥିତ ଚିଦାନନ୍ଦ ଧାମକୁ ଆସିବେ । ଏଠାରେ ବରିଷ୍ଠ ନାଗରିକ ଓ ନିରାଶ୍ରୟମାନଙ୍କ ପାଇଁ ନିର୍ମିତ ଆଶ୍ରମ ଉଦ୍ଘାଟନ କରିବା ସହ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଉଦ୍‌ବୋଧନ ଦେବେ । ଅପରାହ୍ନ ୩ଟା ୫୦ରେ ରାଜ୍ୟପାଳ ଏଠାରୁ ଭୁବନେଶ୍ୱର ଫେରିବେ ।

# ରଥଯାତ୍ରା ପ୍ରସ୍ତୁତି ବୈଠକ

**ହିଞ୍ଜିଳିକାଟୁ,୨୬।୬(ଡ଼ି.ଏନ୍.ଏ.)**

ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ସଭାଗୃହରେ ବୁଧବାର ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହିଞ୍ଜିଳିକାଟୁ ତହସିଲଦାର ଗୋପୀନାଥ କୁଅଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାଟୁ ରାଜବାଟି ଦଧିବାମନ ଜଗନ୍ନାଥ ରଥଯାତ୍ରା, ବଇଁଚବଣିଆ ଜଗନ୍ନାଥ ମନ୍ଦିର ଓ ଜଗବନ୍ଧୁ ପାଟଣାସାହି ନୃସିଂହ ମନ୍ଦିର ଦଧିବାମନ ଜଗନ୍ନାଥ ରଥଯାତ୍ରାର କମିଟି ସଦସ୍ୟ ଉପସ୍ଥିତ ଥଲେ। ରଥଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ, ବିଦ୍ୟୁତ ସେବା, ସ୍ୱଚ୍ଛତା, ଆଶୁ ଚିକିତ୍ସା, ଦମକଳ ବାହିନୀ ନିୟୋଜନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧରେ କାଟୁ ରାଜା ଲଳିତ କିଶୋର ଭଞ୍ଜଦେଓ, ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା, ଥାନା ଅଧିକାରୀ ଅଭିମନ୍ୟୁ ଦାସ, ବିଦ୍ୟୁତ ବିଭାଗ ଯନ୍ତ୍ରୀ ସରୋଜ କୁମାର ମିଶ୍ର, ଅଗ୍ନିଶମ ଅଧିକାରୀ ଲବ ନାୟକ, ନିର୍ମଳ ମିଶ୍ର, ବଣିକ ସଂଘ ସଭାପତି ନୃସିଂହ ପ୍ରସାଦ ପଟ୍ଟନାୟକ, ବିଶ୍ୱମ୍ଭର ସାହୁ, ପ୍ରିୟଦର୍ଶୀ ପଟ୍ଟନାୟକ, ଜଗନ୍ନାଥ ସାହୁ, ଲୋକନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ ଆଲୋଚନା ଚାଲିଛି।

# ସଚେତନତା ଦ୍ୱାରା ନିଶାଦ୍ରବ୍ୟ ସେବନ କମିପାରିବ

**ଭଞ୍ଜନଗର,୨୬।୬(ଡି.ଏନ.ଏ)**

ଭଞ୍ଜନଗର ଉପଖଣ୍ଡ ପ୍ରଶାସନ, ଅବକାରୀ, ପୋଲିସ ବିଭାଗ ପକ୍ଷରୁ ମିଳିତଭାବେ ବୁଧବାର ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ଚୋରାଚାଲାଣ ଓ ସେବନ ନିଷେଧ ଦିବସ ପାଳିତ ହୋଇଯାଇଛି। ଏନେଇ ସକାଳେ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜି ନିଜ କାର୍ଯ୍ୟାଳୟରୁ ପତାକା ହଲାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଲୋକଙ୍କ ମଧ୍ୟରେ ନିଶା ସେବନର ଭୟାବହତା ସମ୍ପର୍କରେ ସଚେତନତା ବୃଦ୍ଧି କରାଗଲେ ନିଶାଦ୍ରବ୍ୟ ସେବନ କମିପାରିବ। ତେଣୁ ଏନେଇ ଲୋକଙ୍କ ମଧ୍ୟରେ ଅଧିକରୁ ଅଧିକ ସଚେତନତା କରାଯିବାର ଆବଶ୍ୟକତା ରହିଛି। ନିଶା ସେବନ ଯୋଗୁ ଦୈନନ୍ଦିନ ବହୁ ଲୋକ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ନିଶା ସେବନ ଦ୍ୱାରା କ୍ୟାନସର ଭଳି ମାରାତ୍ମକ ରୋଗ ହେଉଛି। ନିଶା ସେବନ ଯୋଗୁ ଅନେକ ସାଂସାରିକ ଜୀବନରେ ଗଣ୍ଡଗୋଳ ହେଉଛି। ନିଶା ସେବନ କରି ଗାଡ଼ି ଚଳାଇବା ଦ୍ୱାରା ଦୁର୍ଘଟଣା ବଢୁଛି। ତେଣୁ ନିଶାକୁ ବର୍ଜନ କରିବାକୁ ପଡ଼ିବ। ନିଶାଦ୍ରବ୍ୟ ଚୋରା କାରବାର ମଧ ବଢୁଛି, ଯାହାକି ଚିନ୍ତାଜନକ ବିଷୟ। ଆୟୋଜିତ ପଥପ୍ରାନ୍ତ ସଭାରେ ଯୋଗଦେଇ ବକ୍ତାମାନେ ତାହା ମତବ୍ୟକ୍ତ କରିଥିଲେ। ଶୋଭାଯାତ୍ରାରେ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ଏନସିସି ଛାତ୍ରୀଛାତ୍ର, ଜିଇଟିଆଇ ଛାତ୍ରୀଛାତ୍ର ପ୍ରମୁଖ ଭାଗ ନେଇଥିଲେ। ତହସିଲଦାର ଦୀନମଣି ନାୟକ, ଥାନା ଅଧିକାରୀ ସୁଦୀପ୍ତ ସାହୁ, ଶୁଳପାଣି ଶତପଥୀ, ଏନ୍ସିସି ଶିକ୍ଷକ ଶଙ୍କର ପ୍ରସାଦ ପଟ୍ଟନାୟକ, ଜିଇଟିଆଇ ଶିକ୍ଷକ ଉମାକାନ୍ତ ନାହାକ ପ୍ରମୁଖ ଯୋଗଦେଇ ମତ ରଖିଥିଲେ।




ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଉଛନ୍ତି।

# ଏପିଡିଙ୍କ ସମୀକ୍ଷା ବୈଠକ

**ବେଗୁନିଆପଡ଼ା,୨୬।୬(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକରେ ଗଞ୍ଜାମ ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ଏପିଡି) ଭି. ଅଭିଜିତ ମଙ୍ଗଳବାର ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ। ପିଲାଟିଏ ଗଛଟିଏ କାର୍ଯ୍ୟକ୍ରମ ସହିତ ଚାରାରୋପଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା କାର୍ଯ୍ୟକ୍ରମ ଓ ଆମ ଗାଁ ଆମ ବିକାଶ କାର୍ଯ୍ୟର ସମୀକ୍ଷା କରି ଏହାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ନିର୍ବାହୀ ଯନ୍ତ୍ରୀ କୃଷ୍ଣ ଚନ୍ଦ୍ର ପଣ୍ଡା, ବିଡିଓ ଅରୁଣ କୁମାର ମଲିକ, ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡା, ଏପିଓ ପ୍ରକାଶ ଚନ୍ଦ୍ର ସାହୁ, ସମସ୍ତ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସମ୍ବର୍ଦ୍ଧନା ଉତ୍ସବ

**ହିଞ୍ଜିଳିକାଟୁ, ୨୬।୬(ଡି.ଏନ୍.ଏ)**

ଦଶମ ପରୀକ୍ଷାରେ ଏ-୧ରେ ପାସ୍ କରିଥିବା ୧୦ କୃତୀ ଛାତ୍ରୀଛାତ୍ରଙ୍କୁ ହିଞ୍ଜିଳିକାଟୁ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ପରିଚାଳନା କମିଟିର ସମ୍ପାଦକ ଡ. ଅରବିନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ବିଦ୍ୟା ମନ୍ଦିରର ଉପଦେଷ୍ଟା ଇ. ଅନ୍ତର୍ଯ୍ୟାମୀ ପାତ୍ର ଯୋଗଦେଇ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୃତୀ ବିଦ୍ୟାର୍ଥୀମାନେ ହେଲେ ଅମନ ପାଣିଗ୍ରାହୀ, ସାଧନାରାଣୀ ବେହେରା, ଚିନ୍ମୟୀ ପ୍ରଧାନ, ଉମେଶ ଭୂୟାଁ, ଶ୍ରୀୟାସରଗମ ନାୟକ, କୀର୍ତ୍ତିକା ବେହେରା, ଅଶ୍ୱିନୀ ସ୍ୱାଇଁ, ବୈଜୟନ୍ତ ଦଳାଇ, ପବିତ୍ର ବେହେରା ଓ ଆଲୋକ ସ୍ୱାଇଁ। ଛାତ୍ରୀଛାତ୍ରଙ୍କ ଅଭିଭାବକ ସମେତ ସମସ୍ତ ଗୁରୁମା, ଗୁରୁଜୀ କାର୍ଯ୍ୟକ୍ରମ ଉପସ୍ଥିତ ଥିଲେ।

## ମୋବାଇଲ ଦୋକାନ ଜଳିଗଲା

# ନିଆଁ ଲିଭାଇବା ବେଳେ ଅଗ୍ନିଶମ କର୍ମଚାରୀ ଆହତ

**ଭଞ୍ଜନଗର,୨୬।୬(ଡି.ଏନ.ଏ.)**

ଭଞ୍ଜନଗର ମୁଖ୍ୟ ସଡ଼କରେ ଥିବା ଜେକେ ମୋବାଇଲ ଫୋନ ଦୋକାନରେ ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ମୋବାଇଲ ଫୋନ ସମେତ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଭଞ୍ଜନଗର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହି ସମୟରେ ଏକ କାଚ ଦମକଳ କେନ୍ଦ୍ର କର୍ମଚାରୀ ରଜନୀ କୁମାର ପରିଡ଼ାଙ୍କ ଉପରେ ପଡ଼ିଯିବାରୁ ତାଙ୍କ ହାତରେ ଆଘାତ ଲାଗିଥିଲା। ଏହାପରେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସ୍ଥାନୀୟ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ଶର୍ଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। କିନ୍ତୁ ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡ଼ିନାହିଁ। ପ୍ରକାଶ ଯେ, ସୋମବାର ରାତିରେ ଦୋକାନ ମାଲିକ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତି ପ୍ରାୟ ୧୧ଟାରେ ଦୋକାନ ଭିତରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ମାଲିକଙ୍କୁ ଖବର ଦେଇଥିଲେ। ଏହାପରେ ଦୋକାନ ମାଲିକ ଘଟଣାସ୍ଥଳରେ ପହଞ୍ଚି ଦେଖିବାବେଳକୁ ଦୋକାନ ଜଳୁଥିଲା।



ଆହତ ଅଗ୍ନିଶମ କର୍ମଚାରୀ।

# ନିଶା ଛାଡ଼ିଥିବା ୧୦ଜଣଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ

**ଛତ୍ରପୁର,୨୬।୬(ଡି.ଏନ.ଏ.)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବୁଧବାର ଆନ୍ତର୍ଜାତିକ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ କାରବାର ନିରୋଧ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ରାଲି ବାହାରି ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପତାକା ଦେଖାଇ ରାଲି ଶୁଭାରମ୍ଭ କରିଥିଲେ। ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଯୋଗଦେଇ ନିଶାଠାରୁ ଦୂରେଇ ରହିଲେ ଶରୀର ସୁସ୍ଥ ରହିବ ବୋଲି କହିଥିଲେ। ଏହି ଅବସରରେ ନିଶା ଛାଡିଥିବା ୧୦ ଜଣଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ଓ ଡା. ବିଭୂ କଲ୍ୟାଣ ସାହୁ ଯୋଗଦେଇ ନିଶା ସେବନ ଦ୍ୱାରା ସ୍ୱାସ୍ଥ୍ୟ ଉପରେ କ'ଣ ସବୁ କୁପ୍ରଭାବ ପଡେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସମର୍ଥ ଅନୁଷ୍ଠାନର ଅଧକ୍ଷ କେ. ଆନନ୍ଦ ରାଓ, ବ୍ରହ୍ମାକୁମାରୀ ଛତ୍ରପୁର କେନ୍ଦ୍ରର ପ୍ରମୁଖ ବିଜୟଲକ୍ଷ୍ମୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶା ଛାଡି ଆଧ୍ୟାତ୍ମିକ ଜ୍ଞାନ ଆହରଣ କରିବାକୁ ପରାମର୍ଶ ଦେଇଥିଲେ । ଜିଲା ସମାଜ ସୁରକ୍ଷା ଅଧିକାରୀ ସୁଭ୍ରାଂଶୁ କୁମାର ମହାରଣା ଏହି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ କହିଥିଲେ । ବିଭାଗର ସୁଧାଂଶୁ ଶେଖର ତ୍ରିପାଠୀ, ପଞ୍ଚାନନ ପଣ୍ଡା ଓ କୃଷ୍ଣଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ । ପୋଲିସ ହାଇସ୍କୁଲରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ ଶ୍ରୀନିବାସ ମହାରଣା ପ୍ରଥମ ଓ ଆୟୁଷ୍ମାନ ରାଉଳ ଦ୍ୱିତୀୟ, ଅନସ୍ଲୋ ସରକାରୀ ହାଇସ୍କୁଲରେ ପଦ୍ମନାଭ ନନ୍ଦ ପ୍ରଥମ, ଶୋଭାରାଣୀ ଦାଶ ଦ୍ୱିତୀୟ, ଶ୍ରୀମା ଶ୍ରୀଅରବିନ୍ଦ ସ୍କୁଲରେ ଶୁଭ୍ରାଂଶୁ ଶତପଥୀ ପ୍ରଥମ ଓ ପ୍ରସାଦ କୁମାର ଷଡଙ୍ଗୀ ଦ୍ୱିତୀୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଆରାଧାନା ଆଚାର୍ଯ୍ୟ ପ୍ରଥମ ଓ ପ୍ରଯୁକ୍ତା ରାଣୀ ମହାନ୍ତି ଦ୍ୱିତୀୟ ହୋଇଥିଲେ । ସେହିପରି ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ କଲେଜରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ ପି. ସୋମେୟା ପାତ୍ର ପ୍ରଥମ ଓ ଟି. ରାଜେଶ କୁମାର ରାଓ ଦ୍ୱିତୀୟ ଏବଂ ମହିଳା କଲେଜରେ ଲିଜା ସେଠୀ ପ୍ରଥମ ଓ ସୋନାଲିକା ପଟ୍ଟନାୟକ ଦ୍ୱିତୀୟ ହୋଇ ପୁରସ୍କୃତ ହୋଇଛନ୍ତି।




ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିମାନେ।

## ସଂକ୍ଷେପରେ

### ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ବ୍ରହ୍ମପୁର ଅଫିସ,୨୬।୬:** ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରାଯାଇଛି। ଏନେଇ ପୀଡ଼ିତାଙ୍କ ବାପା ରେଳବାଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୪୬/୧୯ରେ ଏକ ମାମଲା ରୁଜୁ କରିଛି। ଗତ ୨୪ ତାରିଖରେ ଝିଅ ସ୍କୁଲ ଯାଇଥିବା ବେଳେ ସନ୍ଧ୍ୟା ସୁଦ୍ଧା ସେ ଘରକୁ ଫେରି ନ ଥିଲେ। ଘରଲୋକେ ଝିଅକୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଝିଅକୁ କେହି ଅପହରଣ କରି ନେଇଥିବା ସନ୍ଦେହ କରି ଛାତ୍ରୀଙ୍କ ବାପା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏବେ ମୋବାଇଲ ଫୋନ ଟ୍ରାକିଂ ଚଳାଇଥିବା ବେଳେ ଅପହରଣକାରୀଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିବା କହିଛି।

### ନିଶା ନିବାରଣ ସଚେତନତା କର୍ମଶାଳା

**ବ୍ରହ୍ମପୁର ଅଫିସ,୨୬।୬:** ସ୍ଥାନୀୟ ସଂସ୍କୃତି ଭବନରେ ବୁଧବାର ଗଞ୍ଜାମ ଜିଲା ଅବକାରୀ ବିଭାଗ ତରଫରୁ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ କାରବାର ନିରୋଧ ଦିବସ ପାଳନ ଅବସରରେ ନିଶା ନିବାରଣ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅବକାରୀ ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁରର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମୁଖ୍ୟବକ୍ତା ଅତିରିକ୍ତ ଅବକାରୀ ଆୟୁକ୍ତ ଶାନ୍ତନୁ କୁମାର ନାୟକ, ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଜିତ କୁମାର ମହାପାତ୍ର, ଶାରୀରିକ ଶିକ୍ଷକ କେଦାର ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ନିଶା ସେବନ ଯୋଗୁ ଲୋକଙ୍କ ଧନଜୀବନ ଅକାଳରେ ଚାଲିଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ଏଣୁ ଏହାର ମୂଳୋତ୍ପାଟନ କରିବା ପାଇଁ ସମସ୍ତେ ସଂକଳ୍ପ କରନ୍ତୁ ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ର ଓ ଯୁବ ପିଢି ଏ ଦିଗରେ ଅଧିକ ସଚେତନ ହେଲେ ଏକ ନିଶାମୁକ୍ତ ସମାଜ ଗଠନ ହୋଇପାରିବ ବୋଲି ମୁଖ୍ୟବକ୍ତା ଅତିରିକ୍ତ ଅବକାରୀ ଆୟୁକ୍ତ ନାୟକ ମତ ପୋଷଣ କରିଥିଲେ। ମଦ ଓ ଗଞ୍ଜେଇ କାରବାରକୁ ରୋକିବା ପାଇଁ ଅବକାରୀ ବିଭାଗ କାମ କରୁଛି ହେଲେ ବ୍ୟାପକ ଜନସଚେତନତା ଦ୍ୱାରା ହିଁ ଏହି ବେଆଇନ କାରବାରକୁ ରୋକିବା ସମ୍ଭବ ବୋଲି ସେ କହିଥିଲେ। ଅବକାରୀ ଅଧିକାରୀ ସୁଶାନ୍ତ କୁମାର ପାଢୀ, ରୋଶନ ହାଁସଦା, ଲକ୍ଷମନ ଷଡଙ୍ଗୀ, ଧୀରେନ କୁମାର ବେହେରା ଓ ଶାନ୍ତି ମାରାଣ୍ଡି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଥିପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ସ୍କୁଲ ଛାତ୍ରମାନଙ୍କୁ ନେଇ ନିଶା ନିବାରଣ ସଚେତନତାର ଏକ ଶୋଭାଯାତ୍ରା ଏମ୍‌କେସିଜି ମେଡିକାଲ ମୁଖ୍ୟ ଫାଟକ ନିକଟରୁ ବାହାରିଥିଲା। ଏହାକୁ ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ରହ୍ମପୁର ଅବକାରୀ ଜିଲାର ସମସ୍ତ ଅବକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ■ ପ୍ରତିଶ୍ରୁତି ରଖିଲେ ପରୀକ୍ଷା ନିୟନ୍ତ୍ରକ

# ବର୍ଷେ ପରେ ପ୍ରକାଶ ପାଇଲା ବିବିଏଲଏଲବି ପରୀକ୍ଷା ଫଳ

**ବ୍ରହ୍ମପୁର ଅଫିସ,୨୬।୬**

■ ୮ମ ସେମିଷ୍ଟରରେ ଜଣେ ଫେଲ

■ ୪ର୍ଥ ଓ ଷଷ୍ଠରେ ସମସ୍ତ ପରୀକ୍ଷାର୍ଥୀ ପାସ

ପ୍ରତିଶ୍ରୁତି ରଖିଲେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ । ଗତ ସୋମବାର ଗଞ୍ଜାମ ଆଇନ ମହାବିଦ୍ୟାଳୟର ବିବିଏଲଏଲବି ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ଘେରାଉ ବେଳେ ଦେଇଥିବା ପ୍ରତିଶ୍ରୁତି ପ୍ରକାରେ ବୁଧବାର ବିବିଏଲଏଲବି ପାଠ୍ୟକ୍ରମର ଚତୁର୍ଥ, ଷଷ୍ଠ, ଅଷ୍ଟମ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇଛି । ଦୀର୍ଘ ଏକ ବର୍ଷେ ପୂର୍ବେ ତଥା ୨୦୧୮ ମେ ମାସରେ ଅନୁଷ୍ଠିତ ହୋଇଥିବା ଉପରୋକ୍ତ ସେମିଷ୍ଟର ଫଳ ପ୍ରକାଶ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ବଳକା ରହିଥିବା ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶନ ଦିଗରେ ପ୍ରତିଶ୍ରୁତି ପ୍ରକାରେ ସପ୍ତାହକ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ସିଦ୍ଧାର୍ଥ ଶଙ୍କର ପଣ୍ଡା ସୂଚାଇଛନ୍ତି। ସୂଚନାପ୍ରକାରେ, ଗଞ୍ଜାମ ଆଇନ ମହାବିଦ୍ୟାଳୟରେ ବିବିଏଲଏଲବି ପାଠ୍ୟକ୍ରମରେ ଅଧ୍ୟୟନରତ ୨୦୧୩-୧୪ବ୍ୟାଚର ଅଷ୍ଟମ, ୨୦୧୪-୧୫ ବ୍ୟାଚର ଷଷ୍ଠ ଏବଂ ୨୦୧୫-୧୬ବ୍ୟାଚର ୪ର୍ଥ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇଛି । ଅଷ୍ଟମ ସେମିଷ୍ଟର ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଜଣେ ଫେଲ ହୋଇଥିବା ବେଳେ ଚତୁର୍ଥ ଓ ଷଷ୍ଠ ସେମିଷ୍ଟର ପରୀକ୍ଷା ଦେଇଥିବା ସମସ୍ତ ପରୀକ୍ଷାର୍ଥୀ ପାସ କରିଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ତେବେ ୨୦୧୮ ମେରେ ହୋଇଥିବା ପରୀକ୍ଷାରେ ୧୦ ଜଣ ଚତୁର୍ଥ, ୮ ଜଣ ଷଷ୍ଠ, ୬ ଜଣ ଅଷ୍ଟମ ସେମିଷ୍ଟର ପରୀକ୍ଷା ଦେଇଥିଲେ ।

ଗଞ୍ଜାମ ଆଇନ ମହାବିଦ୍ୟାଳୟରେ ବିବିଏଲଏଲବି ପାଠ୍ୟକ୍ରମର ନିୟମିତ ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶନରେ ବାରମ୍ବାର ଅବହେଳା କରାଯାଉଥିବା ପ୍ରତିବାଦରେ ଛାତ୍ରୀଛାତ୍ରମାନେ ଗତ ସୋମବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଓ କୁଳସଚିବଙ୍କୁ ଘେରିଥିଲେ। ୨୦୧୫-୧୬ ବ୍ୟାଚ ବିବିଏଲଏଲବି ପାଠ୍ୟକ୍ରମର ୮ ସେମିଷ୍ଟର ପରୀକ୍ଷା ପରିବର୍ତ୍ତେ ମାତ୍ର ୫ ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହୋଇଛି। ସେଥିମଧ୍ୟରୁ ପ୍ରଥମ ତିନୋଟି ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇଛି । ଚତୁର୍ଥ ସେମିଷ୍ଟର ପରୀକ୍ଷାର ବର୍ଷେ ଓ ୫ମ ସେମିଷ୍ଟର ୭ମାସ ପରେ ବି ଫଳ ପ୍ରକାଶ ପାଉ ନ ଥିବା ସେମାନେ ଅଭିଯୋଗ କରିଥିଲେ । ୨୦୨୦ରେ ଶିକ୍ଷା ସମାପ୍ତ ପୂର୍ବରୁ ସମସ୍ତ ସେମିଷ୍ଟର ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ସେମାନେ ଦାବି କରିଥିଲେ । ଏନେଇ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସଙ୍କ ଉଦ୍ଦେଶ୍ୟରେ କୁଳସଚିବ ଓ ପରୀକ୍ଷା ନିୟନ୍ତ୍ରକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । କୁଳସଚିବ ରଞ୍ଜନ ବିଶ୍ୱାଳ ଓ ପରୀକ୍ଷା ନିୟନ୍ତ୍ରକ ଦାୟିତ୍ୱରେ ଥିବା ଡ. ସିଦ୍ଧାର୍ଥ ଶଙ୍କର ପଣ୍ଡା ତିନିଦିନ ମଧ୍ୟରେ ଚତୁର୍ଥ, ଷଷ୍ଠ, ଅଷ୍ଟମ ସେମିଷ୍ଟର ପରୀକ୍ଷା ଫଳ ପ୍ରକାଶ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ ।

### ଭାଗବତ କଥା ବିତରଣ ପରିଷଦର ସାଧାରଣ ବୈଠକ

**ହିଞ୍ଜିଳିକାଟୁ,୨୬।୬(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ଭାଗବତ କଥା ବିତରଣ ପରିଷଦ ପକ୍ଷରୁ ୨୦ ତମ ଅଧିବେଶନର ସାଧାରଣ ବୈଠକ ଜଗବନ୍ଧୁ ପାଟଣାସାହି ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଦେବାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମୀକ୍ଷକ ଡ. ରମେଶ ଚନ୍ଦ୍ର ଚୌଧୁରୀ ୨୦୧୮-୧୯ବର୍ଷର ଆୟବ୍ୟୟ ଚିଠା ଉପସ୍ଥାପନା କରିଥିଲେ। ଆୟବ୍ୟୟ ଉପରେ ଆଲୋଚନା ପରେ ଚିଠା ସର୍ବସମ୍ମତି କ୍ରମେ ମଞ୍ଜୁର ହୋଇଥିଲା। ପରିଷଦ ପକ୍ଷରୁ ଚାରା ରୋପଣ, ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୌଦ୍ଧିକ ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଶ୍ରୀ ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ କାର୍ଯ୍ୟକ୍ରମ କରିବା ପାଇଁ ଆଲୋଚନା ହୋଇଥିଲା।

# ଦେଶରେ ଅଘୋଷିତ ଜରୁରୀ ପରିସ୍ଥିତି ଦେଖାଦେଇଛି

**ବ୍ରହ୍ମପୁର ଅଫିସ୍,୨୬।୬**



ଆଲୋଚନାଚକ୍ରରେ ଭାଗନେଇଥିବା ବୁଦ୍ଧିଜୀବୀମାନେ।

ଗେଟ୍‌ବଜାରସ୍ଥିତ ଏନ୍‌ଜିଓ ହଲ୍‌ରେ ବୁଧବାର ଅପରାହ୍ନରେ ଶହୀଦ ଭଗତ୍ ସିଂ ପାଠଚକ୍ର ପକ୍ଷରୁ 'ଜରୁରୀ ପରିସ୍ଥିତିର ୪୪ବର୍ଷ ପରେ ଗଣତନ୍ତ୍ର ଆଜି କେତେ ସୁରକ୍ଷିତ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ସଭାପତି ଭାଲଚନ୍ଦ୍ର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଭାଗ ନେଇଥିବା ବୁଦ୍ଧିଜୀବୀମାନେ ମତ ରଖିଥିଲେ, ୪୪ବର୍ଷ ପୂର୍ବେ ୧୯୭୫ ମସିହା ଜୁନ୍ ୨୫-୨୬ ତାରିଖରେ ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରାଯାଇଥିଲା। ଫଳସ୍ୱରୂପ ଦେଶର ରାଜନୈତିକ ଦଳମାନଙ୍କ ସମେତ ସାଧାରଣ ଜନତାଙ୍କ ସମସ୍ତ ରାଜନୈତିକ ଏବଂ ଗଣତାନ୍ତ୍ରିକ ଅଧିକାରକୁ ତତ୍କାଳୀନ ଇନ୍ଦିରା ଗାନ୍ଧୀ ସହକାର ଛଡ଼େଇ ନେଇଥିଲେ। ଦେଶରେ ସମସ୍ତପ୍ରକାର ପ୍ରତିବାଦ ଏବଂ ଆନ୍ଦୋଳନକୁ ବେଆଇନ୍ ଘୋଷଣା କରାଯାଇଥିଲା। ବିରୋଧୀ ରାଜନୈତିକ ନେତାମାନଙ୍କୁ ମନଇଚ୍ଛା 'ମିଶା' ଆଇନ୍ ବଳରେ ଗିରଫ କରାଯାଇଥିଲା। ଦୀର୍ଘ ୧୯ମାସ ପର୍ଯ୍ୟନ୍ତ ଏହି ଫାସିଷ୍ଟ ଆକ୍ରମଣ ଦେଶର ଗଣତନ୍ତ୍ରର ଇତିହାସରେ ସବୁଠାରୁ ବଡ଼ କଳାଦାଗ ଥିଲା। ତା' ବିରୋଧରେ ଦେଶବ୍ୟାପୀ ବ୍ୟାପକ ଜନ ପ୍ରତିରୋଧ ଫଳରେ ଇନ୍ଦିରା ସରକାର ଶେଷରେ ତାକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲା। ଏହି ଘଟଣାକୁ ୪୪ବର୍ଷ ବିତିଥିଲେ ମଧ୍ୟ ଆଜି ବି ଆମ ଦେଶରେ ଫାସିବାଦ ଆକ୍ରମଣ ଅବ୍ୟାହତ ରହିଛି। ସଂଘ ପରିବାର ନେତୃତ୍ୱରେ ଦେଶରେ ସଂଖ୍ୟାଲଘୁ, ଦଳିତ, ଆଦିବାସୀ ଏବଂ ଗଣତାନ୍ତ୍ରିକ ଶକ୍ତିଙ୍କ ଉପରେ ହିନ୍ଦୁବାଦୀ ଫାସିବାଦୀ ଆକ୍ରମଣ ବୃଦ୍ଧି ପାଇଛି। ଦେଶ ସ୍ୱାଧୀନତା ସଂଗ୍ରାମରେ ବ୍ରିଟିଶ୍‌ମାନଙ୍କ ବୋଲକରା ଥିବା ତଥା ନିଜର ଶାସନକାଳରେ ଜମି, ଖଣି, ପାଣି ପରି ଦେଶର ପ୍ରାକୃତିକ ସମ୍ପଦ ଏବଂ ବହୁ ସରକାରୀ ଅନୁଷ୍ଠାନକୁ ବିଭିନ୍ନ ଘରୋଇ କମ୍ପାନୀକୁ ବିକି ଦେଇଥିବା ଏହି ଶକ୍ତିମାନେ ଆଜି ଦେଶପ୍ରେମର ସାର୍ଟିଫିକେଟ୍ ବାଣ୍ଟୁଛନ୍ତି। ଦେଶକୁ ଏକ ଧର୍ମଭିତ୍ତିକ ରାଷ୍ଟ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖିଥିବା ଏହି ଶକ୍ତିମାନେ ଆମ ଦେଶର ବହୁଧର୍ମର ଓ ବହୁଭାଷାର ସଂସ୍କୃତି ଉପରେ ଲଗାତର ଆକ୍ରମଣ କରୁଛନ୍ତି। ଗୋରକ୍ଷା ନାମରେ ସମାଜର ତଳଶ୍ରେଣୀର ଲୋକଙ୍କ ଉପରେ ଭିଡ଼ଦ୍ୱାରା ହତ୍ୟା କରାଯାଉଛି। ସାମାଜିକ ଗଣମାଧ୍ୟମରେ ସରକାରଙ୍କ ନୀତିକୁ ପ୍ରଶ୍ନକଲେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରାଯାଉଛି। ବୁଦ୍ଧିଜୀବୀଙ୍କୁ ହତ୍ୟା କରାଯାଉଛି। ଏଭଳି ଘଟଣା ଦେଶରେ ଫାସିବାଦର ଲକ୍ଷଣ। ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବିପଦ। ଦେଶରେ ଦେଖାଯାଇଥିବା ଏହି ଅଘୋଷିତ ଜରୁରୀ ପରିସ୍ଥିତି ବିରୋଧରେ ଗଣତନ୍ତ୍ରର ସୁରକ୍ଷା ପାଇଁ ସବୁ ଗଣତାନ୍ତ୍ରିକ ଏବଂ ପ୍ରଗତିଶୀଳ ଶକ୍ତି ଏକାଠି ହେବା ଆବଶ୍ୟକ ବୋଲି ବକ୍ତାମାନେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରରେ ବରିଷ୍ଠ ହେତୁବାଦୀ ଇଂ. ରାଜା ସୁରେଶ, ନାନ୍ଦେଶୁ ସେନାପତି, ଚାଷୀନେତା ପ୍ରତାପ ନାୟକ, କର୍ମଚାରୀ ନେତା ରବି କୁମାର ସାହାଣୀ, ପ୍ରଶାନ୍ତ ମହାରଣା, ଅବନୀ କୁମାର ଗୟା, ଶ୍ୟାମ ସୁନ୍ଦର ଖାଡ଼ଙ୍ଗାଙ୍କ ସମେତ ବହୁ ବୁଦ୍ଧିଜୀବୀ ଭାଗ ନେଇଥିଲେ।

## ମୋବାଇଲ ଲୁଟେରା ଗିରଫ

**ବ୍ରହ୍ମପୁର ଅଫିସ,୨୬।୬**

ବୈଦ୍ୟନାଥପୁର ଥାନା ପୋଲିସ ବୁଧବାର ସକାଳେ ଏକ ମୋବାଇଲ ଫୋନ ଲୁଟେରାଙ୍କୁ ରାମନଗର ରେଳ ଫାଟକ ନିକଟରୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଗୋଷାଣୀନୂଆଗାଁ ରଥ ସାହିର ମାଙ୍ଗା ଓରଫ ରାକେଶ କୁମାର ପଣ୍ଡା (୩୬) ବୋଲି ତଦନ୍ତକାରୀ ଅଧିକାରୀ ତଥା ଏସ୍‌ଆଇ ସତ୍ୟନାରାୟଣ ପାଢ଼ୀ କହିଛନ୍ତି। ପୋଲିସ ମାଙ୍ଗାଙ୍କଠାରୁ ଏକ ମୋବାଇଲ ଫୋନ ଜବତ କରିଛି। ଏପରିକି ଘଟଣାବେଳେ ସେ ବ୍ୟବହାର କରିଥିବା ଏକ ନମ୍ବର ବିହୀନ ସ୍କୁଟି ମଧ୍ଯ ଜବତ କରାଯାଇଥିବା ସେ କହିଛନ୍ତି। ମାମଲା ନଂ ୧୨୪/୧୯ରେ ମାଙ୍ଗାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଭୁବନେଶ୍ୱରର ସୁନୀତା ପାଣିଗ୍ରାହୀ ଗତ ୧୪ ତାରିଖରେ କୌଣସି ଏକ କାମ ପାଇଁ ବିଶାଖା ଏକ୍ସପ୍ରେସ ଯୋଗେ ବ୍ରହ୍ମପୁର ରେଳଷ୍ଟେଶନରେ ପହଞ୍ଚିଥିଲେ। ପରେ ସେ ଷ୍ଟେଶନରୁ ଚାଲି ଚାଲି ଫୋନରେ କଥା ହୋଇ ଅନନ୍ତନଗରରେ ଥିବା ଏକ କାର୍ଯ୍ୟାଳୟକୁ ଯାଉଥିଲେ। ଏହି ସମୟରର ଜଣେ ଯୁବକ ସେଠାରେ ପହଞ୍ଚି ଯୁବତୀଙ୍କ ମୋବାଇଲ ଫୋନ ଝାମ୍ପି ନେଇଯାଇଥିଲେ। ପରେ ସୁନୀତା ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୪/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଖବର ପାଇ ପୋଲିସ ବୁଧବାର ମାଙ୍ଗାଙ୍କୁ ରାମନଗର ରେଳ ଫାଟକ ନିକଟରୁ କାବୁ କରି ଥାନାକୁ ଆଣିଥିଲା। ଜେରା ବେଳେ ମାଙ୍ଗା ଗତ ୧୪ ତାରିଖରେ ରାମନଗର ଗଳିରାସ୍ତାରୁ ଜଣେ ଯୁବତୀଙ୍କ ମୋବାଇଲ ଝାମ୍ପି ନେଇଥିବା ସ୍ୱୀକାର କରିଥିଲେ।

## ଗଞ୍ଜାମ ବକ୍ସିଂ ଦଳ ମନୋନୀତ


ଗଞ୍ଜାମ ବକ୍ସିଂ ଦଳର ଖେଳାଳିମାନେ।

**ବ୍ରହ୍ମପୁର ଅଫିସ୍,୨୬।୬**

କଟକରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସବ୍‌ଜୁନିୟର୍ ବକ୍ସିଂ ପ୍ରତିଯୋଗିତା ପାଇଁ ଗଞ୍ଜାମ ଜିଲାର ୧୦ଜଣିଆ ଦଳ ବୁଧବାର କଟକ ଗସ୍ତ କରିଛନ୍ତି। ଏହି ଦଳରେ ରହିଛନ୍ତି ଏସ୍.ସାଇ ପ୍ରସାଦ, ଶୁଭମ ଚୌଧୁରୀ, ତାରିଣୀ ସାହୁ, କେ.ହିମାଂଶୁ ସାହୁ, ପ୍ରବୀଣ କୁମାର ସେଠୀ, ବିଶାଲ ସାହୁ, ମହମ୍ମଦ ତାଜ୍‌ବାବୁ, ଜି.ଯୋଗୀ ନନ୍ଦ, ସୌମ୍ୟରଞ୍ଜନ ପରିଡ଼ା, ଅମ୍ଲାନ ରଥ। କୋଚ୍ ସଞ୍ଜୟ ସେଠୀ ଏବଂ ଏନ୍. ମାଧବ, ମ୍ୟାନେଜର ସୁମନ ଦାସ,ରେଫ୍ରି ଶିଶିର କୁମାର ପାଣିଗ୍ରାହୀ ପ୍ରମୁଖ ଦଳ ସହ ଯାତ୍ରା କରିଛନ୍ତି। ଖେଳାଳୀଙ୍କୁ ଗଞ୍ଜାମ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ ସାହୁ, ଉପସଭାପତି ସନ୍ତୋଷ ସାହୁ, ତାରିଣୀ ସାହୁ, ବକ୍ସିଂ ସମ୍ପାଦକ କେ.ପ୍ରଭାକର ରାଓ, ଦିବାକର ପାଣିଗ୍ରାହୀ, ଦୁର୍ଗାପ୍ରସାଦ ପଟ୍ଟନାୟକ, ପ୍ରଶାନ୍ତ କୁମାର ସାହୁ, କାଜଲ ସାହୁ, ଉପେନ୍ଦ୍ର ପଟ୍ଟନାୟକ ଓ ଶରତ ମହାପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ନିଶାକୁ ନା': ସଚେତନ କଲା ଆର୍‌ପିଏଫ୍

**ବ୍ରହ୍ମପୁର ଅଫିସ୍,୨୬।୬**



ଯାତ୍ରୀମାନଙ୍କୁ ସଚେତନତା ପତ୍ର ବଣ୍ଟାଯାଉଛି।

ବ୍ରହ୍ମପୁର ରେଳ ସୁରକ୍ଷା ବଳ ପକ୍ଷରୁ ବୁଧବାର ଆର୍ନ୍ତଜାତିକ ନିଶା ନିବାରଣ ଓ ନିଶା ସେବନ ପ୍ରତିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପୋଲିସ ଅଧିକାରୀମାନେ ବ୍ରହ୍ମପୁର ଷ୍ଟେଶନ୍‌ରେ ବୁଲି ଯାତ୍ରୀମାନଙ୍କୁ ନିଶା ସେବନ ଠାରୁ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ। ରେଳ ଯାତ୍ରା ସମୟରେ ନିଶା ସେବନ ଏକ ଦଣ୍ଡନୀୟ ଅପରାଧ। ଏହା ସହଯାତ୍ରୀଙ୍କ ପାଇଁ ମଧ୍ୟ ସମସ୍ୟା ସୃଷ୍ଟିକରେ। ସେହିଭଳି ନିଶା ସେବନ ଦ୍ୱାରା ବିଭିନ୍ନ ପ୍ରକାର ରୋଗ ଦେଖାଦେଇଥାଏ। ସମସ୍ତେ ନିଶାକୁ ନା' କହିବା ଆବଶ୍ୟକ ବୋଲି ଯାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ସୁରକ୍ଷା ହେଲପ୍ ଲାଇନ୍ '୧୮୨' ବିଷୟରେ ମଧ୍ୟ ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଯାତ୍ରା ସମୟରେ କୌଣସି ପ୍ରକାର ବିପଦର ସମ୍ମୁଖୀନ ହେଲେ କିମ୍ବା ପୋଲିସର ସହାୟତା ଆବଶ୍ୟକ ପଡ଼ିଲେ, ଏହି ଟୋଲ୍ ଫ୍ରି ନମ୍ବରରେ ଯୋଗାଯୋଗ କରିବାକୁ ଯାତ୍ରୀମାନଙ୍କୁ କୁହାଯାଇଥିଲା। ରେଳ ସୁରକ୍ଷା ବଳ ଆଇଆଇସି ଦିଲୀପ କୁମାର, ଏଏସ୍‌ଆଇ ଆର୍.ସି ଦାସ, ଏସ୍. ସାହୁ, କର୍ମଚାରୀ କେ.ଭି. ରାଓ, ଶିବୁ ବେହେରା, ଏନ୍.କେ. ବେହେରା, କେ.ସି ଚୌଧୁରୀ, ଏଚ୍.ଏଚ୍ ବେହେରା, କୁଳଦୀପ ନାୟକ ଏବଂ ପ୍ରଦୀପ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଭାଗନେଇଥିଲେ।

## ■ ଜୁଲାଇ ୨ରେ ଜିଲା ପରିଷଦ ଅଧ୍ୟକ୍ଷ ଉପନିର୍ବାଚନ

# ରାଜନୈତିକ ଚର୍ଚ୍ଚା: ବିଜେଡିର କିଏ ହେବ ପ୍ରାର୍ଥୀ

**ବ୍ରହ୍ମପୁର ଅଫିସ,୨୬।୬**

ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷ ଉପନିର୍ବାଚନ ଜୁଲାଇ ୨ରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଛତ୍ରପୁର ବିଧାୟକ ଭାବେ ନିର୍ବାଚିତ ହେବାରୁ ଅଧ୍ୟକ୍ଷ ଥିବା ସୁବାସ ଚନ୍ଦ୍ର ବେହେରା ମେ ୨୯ରେ ପଦରୁ ଇସ୍ତଫା ଦେଇଥିଲେ। ସେ ଜିତିଥିବା ୧୯ନଂ. ଜୋନର ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ପରିଷଦରେ ସଂଖ୍ୟା ଗରିଷ୍ଠ ଥିବା ବିଜେଡିରୁ କିଏ ନୂଆ ଅଧ୍ୟକ୍ଷ ହେବ ସେନେଇ ଆରମ୍ଭ ହୋଇଯାଇଛି ରାଜନୈତିକ ଚର୍ଚ୍ଚା। ପରିଷଦର ସମୁଦାୟ ୬୯ ଜୋନ ମଧ୍ୟରୁ ଏବେ ବିଜେଡିର ୬୩ ସଭ୍ୟାସଭ୍ୟ ଅଛନ୍ତି। ତେଣୁ ସେହି ଦଳରୁ ହିଁ ଅଧ୍ୟକ୍ଷ ନିର୍ବାଚିତ ହେବା ସ୍ପଷ୍ଟ ହୋଇଛି।

ବହୁ ବର୍ଷପରେ ୧୯୯୭ରେ ହୋଇଥିଲା ଜିଲା ପରିଷଦ ନିର୍ବାଚନ। ଦୁଇ ଲୋକ ସଭା କ୍ଷେତ୍ର ବ୍ରହ୍ମପୁର ଓ ଆସିକାକୁ ନେଇ ଆରମ୍ଭରୁ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦ ପାଇଁ ଭାଗବଣ୍ଟା ପରମ୍ପରା ରହିଛି। ବ୍ରହ୍ମପୁର କ୍ଷେତ୍ରରୁ ନିର୍ବାଚିତ ସଭ୍ୟାସଭ୍ୟଙ୍କ ମଧ୍ୟରୁ ଅଧ୍ୟକ୍ଷ ହେଲେ ଆସିକା ସଂସଦୀୟ କ୍ଷେତ୍ର ଉପାଧ୍ୟକ୍ଷ। ସୁବାସ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଛତ୍ରପୁର ଅଞ୍ଚଳରୁ ସଦସ୍ୟ ହୋଇ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ତେଣୁ ଉପ ନିର୍ବାଚନରେ ମଧ୍ୟ ଏହି ସଂସଦୀୟ କ୍ଷେତ୍ରରୁ ବିଜେଡି ସଦସ୍ୟା ବା ସଦସ୍ୟ ପ୍ରାର୍ଥୀ ହେବେ। ବ୍ରହ୍ମପୁର ଲୋକ ସଭା କ୍ଷେତ୍ରରେ ଗଞ୍ଜାମ ଜିଲାର ଗୋପାଳପୁର, ଛତ୍ରପୁର, ଚିକିଟି ଓ ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ ଅଛି। ଏହି ୪ ନିର୍ବାଚନ ମଣ୍ଡଳୀ ଅଧୀନ ରଙ୍ଗେଇଲୁଣ୍ଡା, ଗଞ୍ଜାମ, ଛତ୍ରପୁର, ଚିକିଟି, ପାତ୍ରପୁର, ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ୨୦ ଜିଲା ପରିଷଦ ମଧ୍ୟରୁ ଗଞ୍ଜାମ, ରଙ୍ଗେଇଲୁଣ୍ଡା ବ୍ଲକରୁ ଜଣେ ଲେଖାଏ ଭାଜପାରୁ ନିର୍ବାଚିତ ହୋଇଛନ୍ତି। ସେହିପରି କୁକୁଡ଼ାଖଣ୍ଡି ବ୍ଲକରୁ ଜଣେ ଲେଖାଏ କଂଗ୍ରେସ ଓ ଭାଜପାରୁ ଜିତିଛନ୍ତି।

ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ଆଦୌ ବ୍ଲକ ବା ପଞ୍ଚାୟତ ନାହିଁ। ଏହି ସଂସଦୀୟ କ୍ଷେତ୍ରରେ ଏବେ ବିଜେଡିର ୧୬ ଜୋନରେ ସଭ୍ୟାସଭ୍ୟ ଥିବା ବେଳେ ବିରୋଧୀଙ୍କ ସଂଖ୍ୟା ନ ଥିବାରୁ ଶାସକ ଦଳରୁ ନୂଆ ଅଧ୍ୟକ୍ଷ ହେବା ସୁନିଶ୍ଚିତ ହୋଇଯାଇଛି। ଜିଲା ବିଜେଡି ପକ୍ଷରୁ ଏନେଇ ଆଲୋଚନା ହୋଇ ନ ଥିଲେ ମଧ୍ୟ ନୂଆ ଅଧ୍ୟକ୍ଷ ନିମନ୍ତେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଚୟନ କରିବା ସ୍ପଷ୍ଟ ହୋଇଛି। ଗୋପାଳପୁର ନିର୍ବାଚନ ମଣ୍ଡଳୀର ରଙ୍ଗେଇଲୁଣ୍ଡା ବ୍ଲକରୁ ନିର୍ବାଚିତ ଦୁଇଜଣଙ୍କ ମଧ୍ୟରୁ ଜଣେ ଅଧ୍ୟକ୍ଷ ହେବା ସମ୍ଭାବନା ଥିବା ବିଜେଡି କର୍ମୀଙ୍କ ମଧ୍ୟରେ ହେଉଛି ଚର୍ଚ୍ଚା। ଜୁଲାଇ ୨ରେ ନାମାଙ୍କନ ଦାଖଲ, ଯାଞ୍ଚ, ପ୍ରତ୍ୟାହାର, ଭୋଟ ଏବଂ ଫଳାଫଳ ଘୋଷଣା ଗୋଟିଏ ଦିନରେ ହେବାର କାର୍ଯ୍ୟକ୍ରମ ରହିଛି।

# ସବୁଜ ସୁନ୍ଦର ହେବ ବ୍ରହ୍ମପୁର

**ବ୍ରହ୍ମପୁର ଅଫିସ,୨୬।୬**


ବିଏମ୍‌ସି ପରିସରରେ ଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

**ବିଏମ୍‌ସିର ସ୍ୱତନ୍ତ୍ର ବୈଠକ**

■ ବିଏମ୍‌ସି ପକ୍ଷରୁ ହେବ ମେଗା ଚାରାରୋପଣ

■ ବନବିଭାଗ କରିବ ଗଛ ସୁରକ୍ଷା

■ ପ୍ରତି ୱାର୍ଡରେ ଗଠନ ହେବ ୱାର୍ଡ ପ୍ଲାଣ୍ଟେଶନ କମିଟି

ବ୍ରହ୍ମପୁରର ସୌନ୍ଦର୍ଯ୍ୟକରଣ ନେଇ ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବହୁ ପଦକ୍ଷେପ ହାତକୁ ନିଆଯାଇଛି । ଏବେ ସହରକୁ ସବୁଜ ସୁନ୍ଦର କରିବାକୁ ବିଏମ୍‌ସି ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏନେଇ ବୁଧବାର ଏକ ସ୍ୱତନ୍ତ୍ର ବୈଠକ ବିଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସହରକୁ ସବୁଜ ସୁନ୍ଦର କରିବାକୁ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସହରରେ ବଢୁଥିବା ବାୟୁ, ପରିବେଶ ପ୍ରଦୂଷଣକୁ ରୋକିବା ତଥା ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇଁ ପ୍ରତ୍ୟେକ ଅଞ୍ଚଳ ଓ ରାସ୍ତା ପାର୍ଶ୍ୱରେ ଚାରାରୋପଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏଥିପାଇଁ ସ୍ୱତନ୍ତ୍ର ଷ୍ଟ୍ରାଟେଜି ପ୍ରସ୍ତୁତ କରାଯିବ। ପ୍ରତି ୱାର୍ଡରେ ୱାର୍ଡ ପ୍ଲାଣ୍ଟେଶନ କମିଟି ଗଠନ କରାଯିବ । ଯାହା ପ୍ରତିୱାର୍ଡରେ ଲଗାଯାଇଥିବା ଚାରାର ଯତ୍ନ ନେବେ । ଏହାବ୍ୟତୀତ ଚାରାଗୁଡ଼ିକର ସୁରକ୍ଷା ଦାୟିତ୍ୱ ବନବିଭାଗକୁ ପ୍ରଦାନ କରାଯିବାକୁ ଜିଲାପାଳ ସୂଚାଇଥିଲେ । ସହରର ବିଭିନ୍ନ ୱାର୍ଡରେ ବାୟୁ ପ୍ରଦୂଷଣକୁ ରୋକିବା ଦିଗରେ ଉପଯୋଗ ଚାରା ରୋପଣ କରାଯିବା ସହ ରାମଲିଙ୍ଗମ୍ ପୋଖରୀ ଭଳି ସୌନ୍ଦର୍ଯ୍ୟକରଣ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ଡେକୋରେଟିଭ ବୃକ୍ଷ ଚାରା ରୋପଣ କରାଯିବା ନେଇ ନିଗମ ଡେପୁଟି କମିଶନର ରାଉତରାୟ ସୂଚାଇଥିଲେ। ଗୁରୁବାରରୁ ୱାର୍ଡଗୁଡ଼ିକରେ ଚାରାରୋପଣ ନେଇ ସର୍ଭେ ଆରମ୍ଭ ହେବା ସହ ଜୁଲାଇ ସୁଦ୍ଧା କାର୍ଯ୍ୟକ୍ରମ ଶେଷ ହେବା ନେଇ ବୈଠକରେ କୁହାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ କୁମାର ବେହେରା, ଉପଜିଲାପାଳ ଦିଗନ୍ତ ରାଉତରାୟ, ଡେପୁଟି କମିଶନର ସୌରୀନ୍ଦ୍ର ରାଉତରାୟ, ବ୍ରହ୍ମପୁର ତହସିଲଦାର ଦୟାମୟ ପାଢୀ, ବିଡିଏ ସଚିବ ସମ୍ବିତ ରାଉତ ଓ ବିଏମ୍‌ସିର ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ବଜ୍ରପାତରେ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ

**ବେଗୁନିଆପଡା,୨୬।୬(ଡି.ଏନ.ଏ.):** କୋଦଳା ଥାନା କାଳିମେଘି ପଞ୍ଚାୟତ ଜାପେଟା ଗାଁରେ ଗତ ବୁଧବାର ଅପରାହ୍ନରେ ବଜ୍ରପାତରେ ଗଙ୍ଗା ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ ମଙ୍ଗଳବାର କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଉକ୍ତ ରାଶିକୁ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ସରପଞ୍ଚ ପ୍ରତିନିଧି ଭଗବାନ ପଲାଇ, ସମିତିସଭ୍ୟ ବରୁଣ କୁମାର ଗଉଡ, ମୃତକଙ୍କ ସ୍ତ୍ରୀ ଲକ୍ଷ୍ମୀଙ୍କୁ ପ୍ରଦାନ କରିବା ସହିତ ସମବେଦନା ଜଣାଇଛନ୍ତି।

### ଚକ୍ଷୁ ପରୀକ୍ଷା ଶିବିର

**ବୁଗୁଡ଼ା,୨୬।୬(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ବାଲିପଦରସ୍ଥିତ ଘୁମୁସର ତାଲୁକ ବିଶ୍ୱକର୍ମା ସମାଜ ଗୃହରେ ମଙ୍ଗଳବାର ବାଲିପଦର ଗ୍ରାମପଞ୍ଚାୟତ ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା, ସମିତିସଭ୍ୟ ମହେନ୍ଦ୍ର ପ୍ରସାଦ ପଣ୍ଡା, ସମାଜସେବୀ ଖଲି ପରିଡ଼ା, ଅରବିନ୍ଦ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ରତ୍ନାକର ମହାରଣା, ବାଲିପଦର ଆଇଟିଆଇର ଅଧ୍ୟକ୍ଷ ସାର୍ଭିସ୍ ଆଚାରୀ ଯୋଗ ଦେଇଥିଲେ। ମୋଟ ୮୭ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୧୫ଜଣଙ୍କୁ ଚଷମା, ୨୨ଜଣଙ୍କୁ ଅସ୍ତ୍ରୋପଚାର ଓ ୩୧ଜଣଙ୍କୁ ଚିକିତ୍ସା ପାଇଁ ଅନ୍ୟତ୍ର ପଠାଯାଇଥିଲା। ନଳିନୀକାନ୍ତ ରାଉତ, ଭାଗ୍ୟଲତା ଗୌଡ଼, ଶିବାନୀ କୁମାରୀ ପାତ୍ର, କ୍ରିଷ୍ଣାମୂର୍ତ୍ତି କୁମାର, ଇ. ସାକିଲି ଚକ୍ଷୁ ପରୀକ୍ଷା କରିଥିଲେ।

### ବ୍ରାହ୍ମଣ ସମାଜ ପକ୍ଷରୁ ସ୍ମାରକପତ୍ର

**କବିସୂର୍ଯ୍ୟନଗର,୨୬।୬:** ପୁରୁଷାନୁକ୍ରମେ କାରିଗର କରି ଜୀବିକା ନିର୍ବାହ କରି ଆସୁଥିବା ନିଖିଳ ଉତ୍କଳ ଶୈବ ପାଞ୍ଚାଳ ବିଶ୍ୱ ବ୍ରାହ୍ମଣ ସମାଜ ଜୀବିକା ହରାଇବାକୁ ବସିଲେଣି। ଆଗ୍ରା, ରାଜକୋଟ, ବମ୍ବେ, ନେଲୋର ପ୍ରମୁଖ ସହରରୁ ଛାଞ୍ଚ, ମେସିନ ନିର୍ମିତ ବିଭିନ୍ନ ସୁନା, ରୂପା ଅଳଙ୍କାର ଦ୍ରବ୍ୟ କମ୍ ଦାମରେ ଶୋ ରୁମରେ ଉପଲବ୍ଧ ହେଲାଣି। ମନୁଷ୍ୟ ବି ହାତ ତିଆରି ତାରକସି କାମ ଅପେକ୍ଷା ମେଶିନ ଦ୍ରବ୍ୟକୁ ଆପଣେଇବାକୁ ଆଗ୍ରହ ପ୍ରକାଶ କରୁଛି। ଅନ୍ୟପଟେ ବଙ୍ଗାଳି କାରିଗରଙ୍କ ପ୍ରାଧାନ୍ୟ ଯୋଗୁ ଓଡ଼ିଶାର ସ୍ୱର୍ଣ୍ଣ, ରୌପ୍ୟ କାରିଗର ଜୀବିକା ହରାଇବାକୁ ବସିଲେଣି। ଏହି ଉଦ୍ଦେଶ୍ୟରେ ୧୦ ଦଫା ଦାବି ନେଇ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୭ ଜିଲାସ୍ତରୀୟ ସଭାପତି ଡି. ଶିବ ଶଙ୍କର ଆଚାରୀ ଓ ରାଜ୍ୟ ସଭାପତି ରମେଶ ସାଥୁଆଙ୍କ ନେତୃତ୍ୱରେ ଏକ କମିଟି ମନ୍ତ୍ରୀ ଦିଆନଙ୍କୁ ଭୁବନେଶ୍ୱର ଠାରେ ସାକ୍ଷାତ କରିଥିଲେ। ଶିଳ୍ପ କାରିଗର ମାନ୍ୟତାରୁ ବଞ୍ଚିତ କାରିଗରଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ, ସବସିଡି ଆଦି ୧୦ ଦଫା ଦାବି ସରକାରଙ୍କ ଠାରେ ଉପସ୍ଥାପନ କରି ଶୀଘ୍ର ପୂରଣ ପାଇଁ କମିଟିକୁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସଭାପତି ଶଙ୍କର ପ୍ରସାଦ ସାହୁ, ରାଜ୍ୟ ସମ୍ପାଦକ ପ୍ରଫୁଲ୍ଲ ସାହୁ, କୋଷାଧ୍ୟକ୍ଷ ଦାମୋଦର ସାହୁ, ସହ ସମ୍ପାଦକ ଅକ୍ଷୟ ସାଥୁଆ, କାର୍ଯ୍ୟକାରୀ କୋଷାଧ୍ୟକ୍ଷ ସୁରେନ୍ଦ୍ର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଆଜି ରାଜ୍ୟପାଳଙ୍କ ଭଞ୍ଜବିହାର ଗସ୍ତ

- କଡା ସୁରକ୍ଷା ବଳୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
- ଉଦ୍‌ଘାଟନ କରିବେ ୨ କୋଠା, ୨ଟିର ହେବ ଶିଳାନ୍ୟାସ
- ସୁରକ୍ଷା ଦାୟିତ୍ୱରେ ୩ ପ୍ଲାଟୁନ ଫୋର୍ସ

**ବ୍ରହ୍ମପୁର ଅଫିସ,୨୬।୬**

ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗସ୍ତରେ ଆସୁଛନ୍ତି ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ । ଏହି ଅବସରରେ ରାଜ୍ୟପାଳ ବିଶ୍ୱବିଦ୍ୟାଳୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ଗୁରୁବାର ପୂର୍ବାହ୍ନ ୧୧ଟାରେ ରାଜ୍ୟପାଳ ବିଶ୍ୱବିଦ୍ୟାଳୟରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱବିଦ୍ୟାଳୟରେ ୭ କୋଟି ଟଙ୍କା ବ୍ୟୟରେ ନିର୍ମିତ କେନ୍ଦ୍ରୀୟ ଯନ୍ତ୍ରପାତି କେନ୍ଦ୍ର, ୧ କୋଟି ବ୍ୟାୟରେ ନିର୍ମିତ ଇଲେକ୍ଟ୍ରୋନିକ୍ସ ସାଇନ୍ସର ଏକ୍ସଟେନେଶନ କୋଠାକୁ ଉଦ୍‌ଘାଟନ କରିବେ। ଏହାପରେ ୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏଚଆରଡିସି କ୍ଲାସରୁମ ଓ ଦେଢକୋଟି ଟଙ୍କାର ନୂତନ ସମ୍ମିଳନୀ କକ୍ଷର


ଉଦ୍‌ଘାଟନ ଅପେକ୍ଷାରେ ଥିବା କେନ୍ଦ୍ରୀୟ ଯନ୍ତ୍ରପାତି କେନ୍ଦ୍ର ।

ଏକ୍ସଟେନେଶନ ପାଇଁ ଶିଳାନ୍ୟାସ କରିବେ । ଏହାପରେ ବିଜୁ ପଟ୍ଟନାୟକ ଅଡିଟୋରିୟମ ପରିସରରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ସୁରକ୍ଷା ଦାୟିତ୍ୱରେ ଜଣେ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୫ ଇନ୍ସପେକ୍ଟର, ୧୫ ସବ୍ ଇନ୍ସପେକ୍ଟର ୧୦ ଆସିଷ୍ଟାଣ୍ଟ ସବ ଇନ୍ସପେକ୍ଟରଙ୍କ ସମେତ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ଗୋପାଳପୁର ଥାନାଧାକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ବିଜୁ ପଟ୍ଟନାୟକ ଅଡିଟୋରିମ୍ ପରିସରରେ ମଧ୍ୟ ରାଜ୍ୟପାଳଙ୍କୁ ଦ୍ୱିତୀୟ ଥର ପାଇଁ ସ୍ୱାଗତ କରିବାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିବା ସୂଚନା ମିଳିଛି।

## ମାନବାଧିକାର କମିଶନଙ୍କ ରାୟ

# କ୍ଷତିଗ୍ରସ୍ତ ସୌରା ଜନଜାତି ପାଇଲେ ନ୍ୟାୟ

**ବ୍ରହ୍ମପୁର ଅଫିସ,୨୬।୬**

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ କୁମୁଣ୍ଡି ପଞ୍ଚାୟତର ପରିଡ଼ା ବାଞ୍ଜରାପଦରରେ ବହୁ ବର୍ଷ ହେବ ବସବାସ କରୁଥିବା ଆଦିବାସୀ (ସୌରା ଜନଜାତି)ର ୧୨ରୁ ଅଧିକ ପରିବାରକୁ ଜଙ୍ଗଲ ବିଭାଗ ଘୁମୁସର ଡିଭିଜନ ଏବଂ କୁମୁଣ୍ଡି ବନ ସୁରକ୍ଷା ସମିତି ପକ୍ଷରୁ ଆକ୍ରମଣ କରି ସେମାନଙ୍କୁ ଜଙ୍ଗଲ ଜମିରୁ ତଡ଼ି ଦିଆଯାଇଥିଲା । କେବଳ ସେତିକି ନୁହେଁ ଘର ପୋଡ଼ି ଭଳି ସଙ୍ଗିନ ଅଭିଯୋଗ ସିପିଏମ୍‌ର କୃଷକ ସଭା ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ କରିଥିଲା। କମିଶନ କାର୍ଯ୍ୟକାରୀ ଅଧ୍ୟକ୍ଷ ଜଷ୍ଟିସ ରଘୁବୀର ଦାସ ଏହାର ବିଚାର କରି ଐତିହାସିକ ରାୟ ଦେଇଛନ୍ତି। ପ୍ରତ୍ୟେକ କ୍ଷତିଗ୍ରସ୍ତ ଆଦିବାସୀ ସୌରା ଜନଜାତି ପରିବାରକୁ ଥଇଥାନ ପାଇଁ ବସତି ନିର୍ମାଣ ସହ ୧ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା



ଖବରଦାତା ସମ୍ମିଳନୀରେ ମାନବାଧିକାର କର୍ମୀ ଓ କୃଷକ ସଭାର କର୍ମକର୍ତ୍ତାମାନେ ।

ବୁଧବାର ଏଠାରେ କୃଷକ ସଭା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି ।

ମାନବ ଅଧିକାର କର୍ମୀ ପ୍ରଦୀପ ନାୟକ, ଓଡ଼ିଶା କୃଷକ ସଭା ଉପସଭାପତି ତଥା ଜିଲା ସମ୍ପାଦକ ପି. ହରିକୃଷ୍ଣ ରେଡ୍ଡୀ ଆହୁରି ସୂଚାଇଛନ୍ତି ମାନବାଧିକାର କମିଶନଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ଉପମୁଖ୍ୟ ଶାସନ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର, ଜଙ୍ଗଲ ଓ ପରିବେଶ ବିଭାଗ, ଗଞ୍ଜାମ ଜିଲାପାଳ ଓ ଏସ୍‌ପିଙ୍କୁ ମଧ୍ୟ ନିର୍ଦ୍ଦେଶନାମା ପଠାଯାଇଛି । ଜଙ୍ଗଲ ଅଧିକାର ଆଇନାନୁଯାୟୀ ଆଦିବାସୀଙ୍କୁ ପଟ୍ଟା ତୁରନ୍ତ ଦେବା ପାଇଁ କୃଷକ ସଭା ଦୃଢ଼ ଦାବି କରିଛି । କମିଶନଙ୍କ ଏଭଳି ଐତିହାସିକ ରାୟ ଯୋଗୁ ଆଦିବାସୀମାନେ ଉତ୍ସାହିତ ହୋଇଥିବା କୃଷକ ସଭା କର୍ମକର୍ତ୍ତାମାନେ କହିଛନ୍ତି।

# ଗୋପାଳପୁର ଏନ୍‌ଏସିରେ ଡ୍ରେନେଜ ବିପର୍ଯ୍ୟସ୍ତ

**ଗୋପାଳପୁର,୨୬।୬**

ଗୋପାଳପୁର ଏନ୍‌ଏସିରେ ଦିନକୁ ଦିନ ଡ୍ରେନେଜ ବ୍ୟବସ୍ଥା କଦର୍ଯ୍ୟ ହେବାରେ ଲାଗିଲାଣି। ଲୋକଙ୍କୁ ଯେତେ ସଚେତନ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଡ୍ରେନ ଉପରେ ଜୋରଜବରଦସ୍ତ ବାସଗୃହ ନିର୍ମାଣ ହୋଇଥିବାରୁ ଦୂଷିତ ଜଳ ଠିକ୍ ଭାବେ ନିଷ୍କାସନ ନ ହୋଇ ଜମି ରହୁଛି । ଅଞ୍ଚଳବାସୀ ଡ୍ରେନରେ ଅଳିଆ, ଆବର୍ଜନା ପକାଇବା ଫଳରେ ଡ୍ରେନର ପାଣି ରାସ୍ତା ଉପରେ ଭାସୁଛି। ଏନ୍‌ଏସି କର୍ତ୍ତୃପକ୍ଷ ଏହାକୁ ସଫା କରୁଥିଲେ ମଧ୍ୟ କିଛି ଦିନ ସମସ୍ୟା ସୁଧୁରୁଥିବା ବେଳେ ପୁଣି ସେହି ସମସ୍ୟା ଉପୁଜୁଛି। ବୁଦ୍ଧିଜୀବୀଙ୍କ ମତରେ ଡ୍ରେନ ଉପରେ ଜବରଦଖଲ ହଟାଗଲେ ଡ୍ରେନରେ ଜଳ ନିଷ୍କାସିତ ହୋଇପାରିବ। ସାହିର କେତେକ ସ୍ଥାନରେ ଡ୍ରେନରେ ମାଟି ପକାଇବା ଦ୍ୱାରା ତାହା ପୋତି ହୋଇଯାଇଛି। ଏଥିପାଇଁ ଏନଏସି କର୍ତ୍ତୃପକ୍ଷ ଜରିମାନା ପକାଇଲେ ମଧ୍ୟ ରାଜନୈତିକ ଚାପରେ ଜରିମାନା ଆଦାୟ ସମ୍ଭବ ହୋଇପାରୁନାହିଁ। ଆଗକୁ ମୌସୁମୀ ଆସୁଥିବାରୁ ଡ୍ରେନ ପାଣି ନିଷ୍କାସିତ ନ ହେଲେ ରାସ୍ତାଘାଟରେ ଦୂଷିତ ପାଣି ଭାସିବାର ଅଧିକ ସମ୍ଭାବନା ରହିଛି । ଏ ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀଙ୍କୁ ପଚାରିବାରୁ ଅଭିଯୋଗ ଆସିଲେ ବିଭିନ୍ନ ସ୍ଥାନରେ ଡ୍ରେନ ପାଣି ନିଷ୍କାସନ କରାଯାଉଛି। ଡ୍ରେନରେ ଆବର୍ଜନା ପକାଇବା ଦ୍ୱାରା ଠିକ୍ ଭାବେ ଜଳ ନିଷ୍କାସିତ ହୋଇପାରୁନାହିଁ। ଏହାର ସମାଧାନ ପାଇଁ ଶୀଘ୍ର ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି ।

# ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର

**ଦିଗପହଣ୍ଡି,୨୬।୬(ଡି.ଏନ.ଏ.)**

ଦିଗପହଣ୍ଡି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ମିଶନ ମାଧ୍ୟମରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବିଜ୍ଞାପିତ ଅଞ୍ଚଳ ପରିଷଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ଅଧ୍ୟକ୍ଷତା କରିଥିଲେ। ଶିବିରରେ ଛତ୍ରପୁର ପରିମଳ ବିଶେଷଜ୍ଞ ଝଲକ ଦାସ ପ୍ରଶିକ୍ଷିକା ଭାବେ ଯୋଗଦେଇ ଲୋକଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ ସହ ସଚେତନ କରାଇଥିଲେ। ଏନଏସିର ୧୧ଟି ୱାର୍ଡରେ ଏନ୍‌ଏସି ପକ୍ଷରୁ ଦିଆଯାଇଥିବା ନୀଳ ଓ ସବୁଜ ଡଷ୍ଟବିନରେ ପୃଥକ ଭାବେ ଶୁଖିଲା ଓ ଓଦା ଅଳିଆ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ଅବର୍ଜନାକୁ ଏନ୍‌ଏସିର ଅଳିଆ ବୋଝେଇ ଗାଡି ସଂଗ୍ରହ କରି ଡମ୍ପିଂୟାର୍ଡରେ ପକାଇ ନଷ୍ଟ କରିବ ବୋଲି କୁହାଯାଇଥିଲା। ଆସନ୍ତା ଅଗଷ୍ଟ ୧୫ ତାରିଖରେ ଦିଗପହଣ୍ଡି ସହରକୁ ପଲିଥିନ ମୁକ୍ତ ସହର ଭାବେ ବିବେଚିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏନ୍‌ଏସି କର୍ମଚାରୀ ପ୍ରଭାକର ମେକାପ, ଭାରତୀ ପାଢୀ, ସ୍ନେହଲତା ମିଶ୍ର, ପବିତ୍ର ପ୍ରଧାନ, ସନ୍ତୋଷ ମହାନ୍ତି, ସନ୍ତୋଷ ପାଢୀ, ଇଂ ମମତା ପଣ୍ଡା, ଦୁର୍ଗା ମାଧବ ପ୍ରଧାନ, ସିଏଚ୍ ଲୋକେଶ୍ୱରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହାୟତା କରିଥିଲେ। ଏଥିସହ ସମସ୍ତ ଅଙ୍ଗନୱାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମଚାରୀ, ସଫେଇ କର୍ମଚାରୀମାନେ ଓ ବହୁ ସଂଖ୍ୟକ ସହରବାସିନ୍ଦା ଉପସ୍ଥିତ ଥିଲେ।

# ବିଏମ୍‌ସିର ଚଢ଼ାଉ: ପଲିଥିନ୍, ପ୍ଲାଷ୍ଟିକ ଜବତ

## ୩୬ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ


ବିଏମ୍‌ସି ପକ୍ଷରୁ ଦୋକାନରୁ ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ଜବତ କରାଯାଉଛି ।

**ବ୍ରହ୍ମପୁର ଅଫିସ,୨୬।୬**

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ସହରକୁ ପଲିଥିନ ଓ ପ୍ଲାଷ୍ଟିକମୁକ୍ତ କରିବା ନେଇ ବୁଧବାର ପୁଣି ଚଢାଉ କରାଯାଇଛି । ଦିନକରେ ଗୋଟିଏ ଦୋକାନ ସିଲ କରିବା ସହ ୨୦୦ କିଲୋରୁ ଊର୍ଦ୍ଧ୍ୱ ଓଜନର ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ଜବତ କରାଯାଇଛି। ପ୍ରାୟ ୩୬ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା ଆଦାୟ ହୋଇଥିବା ସୂଚନା ମିଳିଛି । ପୂର୍ବାହ୍ନରେ ଅନ୍ଧପସରା ରୋଡରେ ଚଢାଉ ବେଳେ ଛତୁ ପ୍ୟାକେଟ ନେଇ ଯାଉଥିବା ଏକ ବାଇକ୍ ଚାଳକଙ୍କଠାରୁ ପ୍ୟାକିଙ୍ଗ ପଲିଥିନ୍ ଜବତ କରାଯାଇଥିଲା । ଏବାବଦକୁ ଚାଳକଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ସନ୍ଧ୍ୟାରେ ଗରିଲା ସାହି ସମେତ ଅନ୍ନପୂର୍ଣ୍ଣାମାର୍କେଟର ବିଭିନ୍ନ ଦୋକାନରେ ବିଏମ୍‌ସି ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣରେ ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ଜବତ କରାଯାଇଛି । ଗରିଲା ସାହିରେ ମାତ୍ରାଧିକ ପଲିଥିନ୍, ପ୍ଲାଷ୍ଟିକ ସାମଗ୍ରୀ ଗଚ୍ଛିତ ରଖିଥିବା ଏକ ହୋଲସେଲ ଦୋକାନକୁ ନିଗମ ପକ୍ଷରୁ ସିଲ କରାଯାଇଥିଲା । ଉକ୍ତ ଦୋକାନରେ ପ୍ରାୟ ୧ ଟନରୁ ଊର୍ଦ୍ଧ୍ୱ ସାମଗ୍ରୀ ଗଚ୍ଛିତ ରହିଥିବା ଅନୁମାନ କରାଯାଉଥିବା ନିଗମ ଏନ୍‌ଫୋର୍ସମେଣ୍ଟ ଅଫିସର ତରୁଣ କାନ୍ତ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଅନ୍ନପୂର୍ଣ୍ଣାମାର୍କେଟ ଦୋକାନରୁ ଚଢାଉ ବେଳେ ୧୦୦ କିଲେ ଓଜନର ପଲିଥିନ ଜବତ କରାଯାଇଥିଲା । ସନ୍ଧ୍ୟାରେ ୨୬ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଏନ୍‌ଫୋର୍ସମେଣ୍ଟ ଅଫିସର ସୂଚାଇଛନ୍ତି ।

## ସ୍ୱଚ୍ଛତା, ପରିମଳ କାଗଜ କଲମରେ ସୀମିତ

# ସଫା ହେଉନି ଡ୍ରେନ


ରାସ୍ତା ପାର୍ଶ୍ୱରେ ପଡ଼ିଥିବା ଅଳିଆ ଆବର୍ଜନ।

**କବିସୂର୍ଯ୍ୟନଗର,୨୬।୬**

ମୌସୁମୀ ବର୍ଷା ଆରମ୍ଭ ହେଲାଣି । ଏନ୍‌ଏସିର ୧୮ଟି ୱାର୍ଡର ଡ୍ରେନରେ ଏବେ ମଧମଇଳା ଭର୍ତ୍ତି ହୋଇ ରହିଛି। ବିଭିନ୍ନ ୱାର୍ଡର ପୋଖରୀ ହିଡ଼ଗୁଡ଼ିକରେ ଆବର୍ଜନା ପଡ଼ିବା ସହ ଏଠାରେ ମଳତ୍ୟାଗ କରିବା ଦ୍ୱାରା ପୋଖରୀ ପାଣି ପ୍ରଦୂଷିତ ହେଉଛି । ମେରୁବନ୍ଧ ହିଡ଼, ଜଟେଶ୍ୱର ପୋଖରୀ, ଗଦାଧର ପୋଖରୀ, ପଦ୍ମନାଭ ପୋଖରୀ, କଣା ବନ୍ଧ, ଧୋବା ବନ୍ଧ ଆଦି ଆବର୍ଜନାମୟ ହୋଇ ପଡ଼ିଛି। ବୃନ୍ଦାବତୀ ବିଦ୍ୟାପୀଠ, ନାରାୟଣପୁର ଶାସନ ବିଦ୍ୟାଳୟ, ଅରବିନ୍ଦ ପୂର୍ଣ୍ଣାଙ୍ଗ କେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗଙ୍ଗାଧରେଶ୍ୱର ବିଦ୍ୟାଳୟ ଆଦି ପରିସରରେ ଏବେ ବି ମଳତ୍ୟାଗ କରୁଥିବା ଦେଖିବାକୁ ମିଳୁଛି। ଏନଏସି କର୍ତ୍ତୃପକ୍ଷ ସ୍ୱଚ୍ଛତା, ପରିମଳ ପକ୍ଷ ପାଳନ କରି କାଗଜ କଲମରେ ସୀମିତରେ ଥିବା ଅଭିଯୋଗ ହୋଇଛି। ସାମାନ୍ୟ ବର୍ଷାରେ ମେରୁବନ୍ଧ ମେଡିକାଲ ରୋଡ, ଏନଏସି ରୋଡ, ବକ୍ସି ଜଗବନ୍ଧୁ ରୋଡରେ ଡ୍ରେନ ପାଣି ଭାସୁଛି । ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ ସହରରେ ଡେଙ୍ଗୁ, ମ୍ୟାଲେରିଆ ପରି ସଂକ୍ରମଣ ରୋଗ ବ୍ୟାପିବାର ସମ୍ଭାବନା ରହିଛ। ଏଣୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଅବାଧରେ କଟାଯାଉଛି ଝାଉଁବଣ

# କୂଳ ଲଘୁଛି ସମୁଦ୍ର

**ଗଞ୍ଜାମ,୨୬।୬(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ଗୋଖରକୁଦାଠାରୁ ପ୍ରୟାଗୀ ଏବଂ ଦକ୍ଷିଣରେ ଥିବା ଆର୍ଯ୍ୟପଲ୍ଲୀ ପର୍ଯ୍ୟନ୍ତ ଦିନକୁ ଦିନ ସମୁଦ୍ର କୂଳ ଲଘୁଛି। ଏଥିଯୋଗୁ ଋଷିକୁଲ୍ୟା ବେଳାଭୂମି ଅବକ୍ଷୟ ହେବାରେ ଲାଗିଛି। ଋଷିକୁଲ୍ୟା ବେଳାଭୂମିରୁ ବଟେଶ୍ୱର ଶୈବପୀଠ ପର୍ଯ୍ୟନ୍ତ ବେଳାଭୂମି ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ସମୁଦ୍ରରେ ଲୀନ ହେବାକୁ ବସିଲାଣି। ବେଳାଭୂମି ନିକଟବର୍ତ୍ତୀ ଅଞ୍ଚଳରୁ ଝାଉଁବଣ କାଟିବା ଏହାର ମୁଖ୍ୟ କାରଣ ବୋଲି ପରିବେଶବିତମାନେ କହିଛନ୍ତି । କାଠ ମାଫିଆମାନେ ଅବାଧରେ ଏହାକୁ କାଟି ଜାଳେଣି ଓ ଅନ୍ୟାନ୍ୟ ବ୍ୟବହାରରେ ଲଗାଉଥିବା ଅଭିଯୋଗ ହୋଇଛି। ଏପରି ହେଲେ ଆଗାମୀ ଦିନରେ ସମୁଦ୍ରର ଅଶାନ୍ତ ଜୁଆର ଦ୍ୱାରା ନିକଟବର୍ତ୍ତୀ ଅଞ୍ଚଳ କ୍ଷତିଗ୍ରସ୍ତ ହେବା ଯଥେଷ୍ଟ ସମ୍ଭାବନା ରହିଛି। ୨୦୦୭ରୁ ସାମୁଦ୍ରିକ ଅଞ୍ଚଳରେ ସମୁଦ୍ର କୂଳ ଖାଇବା ଆରମ୍ଭ ହୋଇଥିବା ସ୍ଥାନୀୟ ଅଞ୍ଚଳବାସୀ ଯୋଗାଯୋଗ ବେଳେ ସୂଚନା ଦେଇଛନ୍ତି। ବେଳାଭୂମି ଅବକ୍ଷୟ ହେବାରୁ ପ୍ରତିବର୍ଷ ଗଞ୍ଜାମ ମୁହାଣକୁ ଗଣ ଅଣ୍ଡାଦାନ ପାଇଁ ଆସୁଥିବା ବିରଳ ଅଲିଭ ରିଡ୍‌ଲେ


ସମୁଦ୍ର କୂଳ ଲଘୁଥିବା ଓ ବେଳାଭୂମି ଅବକ୍ଷୟର ଦୃଶ୍ୟ।

କଇଁଛମାନେ ମୁହଁ ଫେରାଇଲେଣି। ତାହା ଚଳିତ ବର୍ଷ ପ୍ରମାଣିତ ହୋଇଥିବା ଅଞ୍ଚଳବାସୀ କହିଛନ୍ତି। ସମୁଦ୍ର ଉଚ୍ଚ ଜୁଆର ଯୋଗୁ ବେଳାଭୂମି ହିଡ଼ ସୃଷ୍ଟି ହୋଇଥାଏ। ଫଳରେ କଇଁଛମାନେ ଉପରକୁ ଉଠି ନ ପାରି ଫେରି ଯାଉଥିବା ସେମାନେ କହିଛନ୍ତି। ଏଥିପାଇଁ ବନ ବିଭାଗ ପକ୍ଷରୁ ବେଳାଭୂମିରେ ପର୍ଯ୍ୟାପ୍ତ ପରିମାଣରେ ଚାରା ରୋପଣ କରାଯାଉଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି । ପ୍ରକାଶ ଯେ, ୨୦୦୭ରେ କୂଳ ଖାଇବା ପରେ ସ୍ଥାନୀୟ ପୋଡ଼ମପେଟା ଅଞ୍ଚଳର ୧୪୨ ମତ୍ସ୍ୟଜୀବୀ ପରିବାରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା।

## ବ୍ରହ୍ମପୁର ବଡ଼ ମେଡିକାଲର ବଦଳୁଛି ଚିତ୍ର

# ସୁପର ସ୍ପେଶିଆଲିଟି କୋଠାରେ ରୋଗୀ ସେବା

**ବ୍ରହ୍ମପୁର ଅଫିସ,୨୬।୬**

ବ୍ରହ୍ମପୁର ବଡ଼ ମେଡ଼ିକାଲ ପରିସରରେ ନବନିର୍ମିତ ସୁପର ସ୍ପେଶିଆଲିଟି କୋଠାରେ ରୋଗୀ ସେବ ଆରମ୍ଭ ହୋଇଗଲାଣି । ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନ ଥିଲେ ମଧ୍ୟ ଧୀରେ ଧୀରେ ପୁରୁଣା କୋଠାରୁ ଏହି ନୂତନ କୋଠାକୁ ବିଭିନ୍ନ ବିଭାଗ ସ୍ଥାନାନ୍ତର ହେବାରେ ଲାଗିଛି । ପ୍ରାୟ ୫୫କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠାରେ ସେଣ୍ଟ୍ରାଲ୍ ଏସି ରହିଛି । ଘରୋଇ ହସ୍‌ପିଟାଲ୍ ଭଳି ଅନ୍ୟାନ୍ୟ ସୁବିଧା ମଧ୍ୟ ରହିଛି । ସମସ୍ତ ରୋଗୀ ଶଯ୍ୟା ନିକଟକୁ ଗ୍ୟାସ୍ ସଂଯୋଗ କରାଯାଇଛି । ଫଳରେ ରୋଗୀମାନେ ନିଜ ଶଯ୍ୟାରେ ହିଁ ଅକ୍ସିଜେନ୍ ପାଇପାରିବେ। ଆଉ ଗ୍ୟାସ୍ ସିଲିଣ୍ଡର ଧରି ବୁଲିବାକୁ ପଡ଼ିବ ନାହିଁ । କୋଠାରେ ୮ଟି ୟୁନିଟ୍ ରହିଛି। ୨୫୦ଟି ଶଯ୍ୟା ପଡ଼ିଛି । ଜରୁରିକାଳୀନ ଅସ୍ତ୍ରୋପଚାର, ସାଧାରଣ ଶଲ୍ୟ ଚିକିତ୍ସା, ଇଏନ୍‌ଟି ଶଲ୍ୟ ଚିକିତ୍ସା, ଲାପ୍ରୋସ୍କୋପିକ୍ ସର୍ଜରୀ ବିଭାଗ ୯ଟି ଅସ୍ତ୍ରୋପଚାର ଗୃହ ରହିଛି । ଏହି ଅସ୍ତ୍ରୋପଚାର ଗୃହଗୁଡ଼ିକରେ


ସୁପର ସ୍ପେଶିଆଲିଟି କୋଠାରେ ରୋଗୀଙ୍କୁ ଚିକିତ୍ସା କରାଯାଉଛି।

ଅତ୍ୟାଧୁନିକ ଯନ୍ତ୍ରପାତି ଖଞ୍ଜା ଯାଇଛି। କିନ୍ତୁ ଶଲ୍ୟ ଚିକିତ୍ସା ବିଭାଗରେ ପ୍ରଫେସର ପଦବୀ ଖାଲି ପଡ଼ିଥିବା ସୂଚନା ମିଳିଛି। ୫ଜଣ ଏସ୍‌ଆର୍, ୧୩ ଆସିଷ୍ଟାଣ୍ଟ ପ୍ରଫେସର, ୬ଜଣ ଆସୋସିଏଟ୍ ପ୍ରଫେସର ରହିଛନ୍ତି । ୫୩ଜଣ ସ୍ନାତକୋତ୍ତର ଛାତ୍ରୀଛାତ୍ର ମଧ୍ୟ ନିୟୋଜିତ ହୋଇଛନ୍ତି । ହେଲେ ଷ୍ଟାଫ ନର୍ସ, ଫାର୍ମାସିଷ୍ଟ ଏବଂ ପାରାମେଡ଼ିକାଲ୍ କର୍ମଚାରୀଙ୍କ ସଂଖ୍ୟା ଯଥେଷ୍ଟ କମ୍ ରହିଛି । ଯାହା ରୋଗୀ ସେବାକୁ ପ୍ରଭାବିତ କରୁଛି । ଏତେ ଟଙ୍କା ଦେଇ କୋଠା ନିର୍ମାଣ କରାଯାଇଥିବା ବେଳେ ଆବଶ୍ୟକ ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦିଆ ନ ଗଲେ, କୋଠା ଅବ୍ୟବହୃତ ହୋଇପଡ଼ିରହିବ ବୋଲି କୁହାଯାଉଛି ।

ଏ ନେଇ ଅଧ୍ୟକ୍ଷ ପ୍ରଫେସର ଡା. ଚରଣ ପଣ୍ଡା କୁହନ୍ତି, ସୁପରସ୍ପେଶାଲିଟି କୋଠାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଆଉ ୩ ମାସ ସମୟର ଆବଶ୍ୟକତା ରହିଛି। ଅନ୍ୟପଟେ ଏହି କୋଠାରେ ରୋଗୀ ସେବା ବଢ଼ାଇବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି । ଆଗାମୀ ଦିନରେ ଏଠାରେ ସ୍ପେଶାଲ୍ କ୍ୟାବିନ୍ କାର୍ଯ୍ୟକ୍ଷମ ହେବ । ବିଗତ କିଛି ଦିନ ଭିତରେ ୧୪୩ଜଣ ନର୍ସଙ୍କୁ ନିଯୁକ୍ତି ଦିଆଯାଇଛି । ଆହୁରି ଅଧିକ ନର୍ସଙ୍କର ଆବଶ୍ୟକତା ଥିବା ବେଳେ ଏନେଇ ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯାଇଛି । ସେହିଭଳି ପାରାମେଡ଼ିକାଲ୍ ଷ୍ଟାଫ୍ ଅଧିକ ନିଯୁକ୍ତି ଦିଆଯିବ । ଠିକା ସଂସ୍ଥା ଜରିଆରେ ନିଯୁକ୍ତି ଦେବାକୁ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖାଯାଇଛି । ବିଭାଗ ତରଫରୁ ଏନେଇ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି । ଅପରପକ୍ଷେ ଏହି ନୂତନ କୋଠାକୁ ଆସୁଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନେ ମୂଲ୍ୟବାନ ସାମଗ୍ରୀ ଭଙ୍ଗାରୁଜା କରିଦେଉଛନ୍ତି । ସଫା ସୁତରାକୁ ଧ୍ୟାନ ଦେଉନାହାନ୍ତି । ଛେପ ପକାଇ ଦେଉଛନ୍ତି। ଶୌଚାଳୟରେ ଲାଗିଥିବା ସାମଗ୍ରୀଗୁଡ଼ିକୁ ମଧ୍ୟ ଭାଙ୍ଗି ଦେଉଛନ୍ତି। ଖୁବ୍ ଶୀଘ୍ର ସେଥିପାଇଁ ସିସିଟିଭି କ୍ୟାମେରା ଖଞ୍ଜାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ଜି.ଉଦୟଗିରିରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି

ଜି.ଉଦୟଗିରି,୨୬।୬(ଡି.ଏନ.ଏ.)- ଜି.ଉଦୟଗିରି ସହରରେ ନିଶାସକ୍ତ ଓ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ବଢ଼ୁଛି। ସନ୍ଧ୍ୟା ହେଲେ ସହରର ଛକ ଜାଗାରେ ଏମାନେ ଗାଳିଗୁଲଜ କରିବା ନିତିଦିନିଆ ଘଟଣା। ଏଥିପାଇଁ ରାତିରେ ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀମାନେ ନିରାପଦ ମନେ କରୁନାହାନ୍ତି । ଏନ୍‌ଏସି ରାସ୍ତା କଡ଼ଗୁଡ଼ିକରେ ପଥଚାରୀ ଓ ବରିଷ୍ଠ ନାଗରିକଙ୍କ ବସିବା ପାଇଁ କିଛି ମାସ ହେବ ସିମେଣ୍ଟ ବେଞ୍ଚ ପକାଯାଇଛି। କିନ୍ତୁ ସନ୍ଧ୍ୟାରେ ସେହି ବେଞ୍ଚ ଗୁଡ଼ିକ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳୀ ହୋଇଯାଇଛି। ଏ ନେଇ ଜି.ଉଦୟଗିରି ଆଇଆଇସି ଜୀବନାନନ୍ଦ ଜେନାଙ୍କୁ ପଚାରିବାରୁ ସହରରେ ମଦଧରା ଅଭିଯାନ ଚାଲୁ ରହିଛି। ପାଟ୍ରୋଲିଂ ମଧ କରାଯାଉଛି। ସନ୍ଧ୍ୟା ପରେ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯାଇ ନିଶାସକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରୁଥିବା ଲୋକଙ୍କୁ ଧରି ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

### ବଦଳିଲେ ଜିଲା ମଙ୍ଗଳ ଅଧିକାରୀ

ଫୁଲବାଣୀ ଅଫିସ,୨୬।୬- ବାଦବିବାଦରେ ଛନ୍ଦି ହୋଇ ପଡିଥିବା କନ୍ଧମାଳ ଜିଲା ମଙ୍ଗଳ ଅଧିକାରୀ(ଡିଡବ୍ଲ୍ୟୁଓ) ଚାରୁଲତା ମଲ୍ଲିକଙ୍କୁ ଶେଷରେ ବିଭାଗ ବଦଳି କରିଛି। ତାଙ୍କୁ କନ୍ଧମାଳରୁ ଅନୁଗୋଳ ଜିଲାକୁ ବଦଳି କରାଯାଇଛି। ଖାଲି ଏତିକି ନୁହେଁ ବଦଳି ଅର୍ଡର ବାହାରିବାର କିଛି ସମୟ ମଧରେ ଡିଡବ୍ଲ୍ୟୁଓ ମଲ୍ଲିକ ରିଲିଭ ହୋଇ ଅନୁଗୋଳ ଚାଲି ଯାଇଛନ୍ତି। ସୂଚନାଯୋଗ୍ୟ ଗତ ମେ' ୧୪ରେ କନ୍ଧମାଳ ଜିଲାରେ ଅନ୍ୱେଷାକୁ ଅନୁକମ୍ପା, ସିଓଆର ନ ଥିବା ସ୍କୁଲରେ ପଢୁଛନ୍ତି ପିଲା ସମ୍ପର୍କିତ ଏକ ଖବର ପ୍ରକାଶ ପାଇଥିଲା। ସେହିପରି ଭିତ୍ତିଭୂମି ନ ଥିବା ସ୍କୁଲରେ ଅନ୍ୱେଷା ଯୋଜନାରେ ପିଲା ପଢୁଥିବା ଅନ୍ୟ ଏକ ଖବର ଗତ ୮ ତାରିଖରେ ପ୍ରକାଶ ପାଇଥିଲା। ଅନ୍ୱେଷା ଯୋଜନାରେ ବ୍ୟାପକ ପିସି କାରବାରକୁ ନେଇ ମଧ ଏଥିରେ ଉଲ୍ଲେଖ ରହିଥିଲା। ଏନେଇ ଜିଲାପାଳଙ୍କ ପାଖରେ ବି ଅନେକବାର ଅଭିଯୋଗ ହୋଇଥିଲା। ଶେଷରେ ପଛୁଆ ଜାତି ଓ ଜନଜାତି (ଏସ୍‌ଟି ଆଣ୍ଡ ଏସ୍‌ସି) ବିଭାଗ ଚିଠି ନଂ.୧୦୬୨୩/ଏସଏସ୍‌ଡିରେ ମଲ୍ଲିକଙ୍କ ବଦଳି ନିର୍ଦ୍ଦେଶନାମା ଜାରି କରିଛି। ଏ ନେଇ ପୂର୍ବତନ ଡିଡବ୍ଲ୍ୟୁଓ ମଲ୍ଲିକଙ୍କୁ ପଚାରିବାରୁ ସରକାରଙ୍କ ନିର୍ଦ୍ଦେଶ ଆସିଲା, ବଦଳି ହେଲା, ବଦଳି ସ୍ଥାନକୁ ତୁରନ୍ତ ଚାଲି ଆସିଲି ବୋଲି କହିଥିଲେ।

### ଯୁକ୍ତ ୨କଳାରେ ଲିପ୍‌ସାରାଣୀ, ଧନ୍ଦାମୂଳକରେ ଶଙ୍କର୍ଷଣ ବ୍ଲକ ଟପ୍ପର

ଶଙ୍କରାଖୋଲ,୨୬।୬(ଡି.ଏନ୍.ଏ.)-ଚକାପାଦ ବ୍ଲକର ଯୁକ୍ତ ୨ କଳାରେ ଲାଇନ୍‌ପଡ଼ା କେଆଇଜିଏମ୍ କଲେଜ ଛାତ୍ରୀ ଲିପ୍‌ସାରାଣୀ ପୃଷ୍ଟି ଓ ଧନ୍ଦାମୂଳକ ଶିକ୍ଷାରେ ଶଙ୍କରାଖୋଲ ଜୁନିୟର ଆଞ୍ଚଳିକ ମହାବିଦ୍ୟାଳୟ ଛାତ୍ର ଶଙ୍କର୍ଷଣ ମିଶ୍ର ବ୍ଲକ ଟପ୍ପର ହୋଇଛନ୍ତି। ଆଞ୍ଚଳିକ ଜୁନିୟର ମହାବିଦ୍ୟାଳୟ ଶଙ୍କରାଖୋଲରେ ୮୧ % ଛାତ୍ରୀଛାତ୍ର ପାସ୍ ହୋଇଥିବା ବେଳେ ପ୍ରଥମ ସ୍ଥାନରେ ୮, ଦ୍ୱିତୀୟରେ ୨୧, ତୃତୀୟରେ ୧୩୩ ଜଣ ଅଛନ୍ତି। ସରକାରୀ ଧନ୍ଦାମୂଳକ ଶିକ୍ଷାରେ ଉକ୍ତ ମହାବିଦ୍ୟାଳୟର ୮୬% ପାସ୍ ହାର ରହିଛି। ଏଥିରେ ଶଙ୍କର୍ଷଣ ୭୬% ମାକ୍ ରଖି ଟପ୍ପର ହୋଇଛନ୍ତି। ସେହିପରି କେଆଇଜିଏମ୍ ମହାବିଦ୍ୟାଳୟର ପାସ୍ ହାସ ୪୯% ରହିଛି। ଏଥିରେ ପ୍ରଥମ ସ୍ଥାନରେ ୭, ଦ୍ୱିତୀୟରେ ୭ ଓ ତୃତୀୟରେ ୬୪ଜଣ ରହିଛନ୍ତି। ଲିପ୍‌ସା ୭୨% ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି ବୋଲି ଉଭୟ ବିଦ୍ୟାଳୟର ଅଧକ୍ଷ ଡ. ତ୍ରୈଲୋକ୍ୟନାଥ ସେନାପତି, ଡ. ସନ୍ତୋଷ କୁମାର ପ୍ରଧାନ କହିଛନ୍ତି।

### ନିଶାନିବାରଣ ସଚେତନତା

ସୋରଡ଼ା,୨୬।୬(ଡି.ଏନ୍.ଏ.)- ସୋରଡ଼ା ପୋଲିସ ପକ୍ଷରୁ ଆନ୍ତର୍ଜାତିକ ନିଶାଦ୍ରବ୍ୟ ଚୋରାଚାଲାଣ ଓ ସେବନ ନିରାକରଣ ଦିବସ ଉପଲକ୍ଷେ ବୁଧବାର ସକାଳେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର, ସମସ୍ତ ପୋଲିସ କର୍ମଚାରୀ ଯୋଗଦେଇଥିଲେ। ଥାନା ସମ୍ମୁଖରୁ ଥାନାଧିକାରୀ ପ୍ରଭାତ ସାହୁ ପତାକା ଦେଖାଇ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ବିଭିନ୍ନ ନିଶାନିବାରଣ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ବ୍ଲକ୍ ଲାଇନ୍, ଗଣିଛକ, ରଥପଦା, ଆଡ଼ପମଣ୍ଡପ ବଡ଼ଦାଣ୍ଡ ଭ୍ରମଣ କରାଯାଇଥିଲା। ଏହାକୁ ପ୍ରଧାନ ଶିକ୍ଷକ କାଳିଚରଣ ପ୍ରଧାନଙ୍କ ସମେତ ପୋଲିସ କର୍ମଚାରୀ ପରିଚାଳନା କରିଥିଲେ।

# ପିଡିଏସ୍ ଟେଣ୍ଡରରେ ନିର୍ଦ୍ଦିଷ୍ଟ ଟ୍ରାନ୍ସପୋର୍ଟକୁ ଅନୁକମ୍ପା

- ରାଜନୈତିକ କ୍ଷମତା ବଳରେ ହାତେଇଛନ୍ତି ସୁବିଧା
- ସଚିବଙ୍କୁ ଲିଖିତ ଅଭିଯୋଗ

ଫୁଲବାଣୀ ଅଫିସ,୨୬।୬

କନ୍ଧମାଳ ଜିଲା ଯୋଗାଣ ବିଭାଗରେ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହେଉଥିବା ଦୃଷ୍ଟକୁ ଆସିଛି। ସରକାରୀ ନିୟମକୁ ଉଲ୍ଲଂଘନ କରି ଜିଲାର ଏକ ନିର୍ଦ୍ଦିଷ୍ଟ ଟ୍ରାନ୍ସପୋର୍ଟକୁ ଅନୁକମ୍ପା ପ୍ରଦର୍ଶନ କରାଯାଉଛି। ସିଙ୍ଗଲ ଟେଣ୍ଡର ବାତିଲ କରିବାକୁ ନିୟମ ରହିଥିବା ବେଳେ ଜିଲା ପ୍ରଶାସନ ଏବଂ ଯୋଗାଣ ବିଭାଗ ସବୁ ନିୟମକୁ ପଛରେ ପକାଇ ସମ୍ପୃକ୍ତ ଟ୍ରାନ୍ସପୋର୍ଟକୁ ପିଡିଏସ୍(ସାଧାରଣ ବଣ୍ଟନ ବ୍ୟବସ୍ଥା) ଚାଉଳ ବଣ୍ଟନ ଟେଣ୍ଡର ପ୍ରଦାନ କରିଛନ୍ତି। ଏହା ବର୍ଷବର୍ଷ ଧରି ଚାଲିଛି। ଚଳିତ ଆର୍ଥିକବର୍ଷ ପାଇଁ ପିଡିଏସ୍ ଚାଉଳ ବଣ୍ଟନ ଲାଗି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଖୋଲାଯିବା ପରେ ପୁଣି ସେହି ଟ୍ରାନ୍ସପୋର୍ଟକୁ ଏହା ଦେବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ହେଲେ ଅଭିଯୋଗ ହେବାରୁ ଏହାକୁ କିଛିଦିନ ପାଇଁ ଘୁଞ୍ଚାଇ ଦିଆଯାଇଛି। ଅନିୟମିତାକୁ ନେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ପାଖରେ ଲିଖିତ ଅଭିଯୋଗ କରାଯାଇଛି। ଉଭୟ ଲେଭଲ-୧ ଏବଂ ଲେଭଲ-୨ରେ ଏହି ଅନିୟମିତତା କରାଯାଇଛି।

ଅଭିଯୋଗ ଅନୁଯାୟୀ, ଜିଲାର ସମ୍ପୃକ୍ତ ଟ୍ରାନ୍ସପୋର୍ଟର ପ୍ରୋପାଇଟର(ମହିଳା)ଙ୍କ ନାମରେ ଲେଭଲ-୧ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଲାଇସେନ୍ସ ଏବଂ ଏକ ପିଇଜି ଗୋଦାମ ଗୃହ ରହିଛି। ସେହିପରି ଲେଭଲ-୨ ଲାଇସେନ୍ସ ତାଙ୍କ ଭାଇଙ୍କ ନାମରେ ରହିଛି। ହେଲେ ସ୍ୱାମୀ ହେଉଛନ୍ତି ଶାସକ ଦଳର ନେତା। ରାଜନୈତିକ କ୍ଷମତା ବଳରେ ଏସବୁ ହାତେଇଛନ୍ତି। କାରଣ ଯାହାର ପିଇଜି ଗୋଦାମ ଗୃହ ଥିବ ଏବଂ ସରକାରଙ୍କୁ ଭଡାରେ ଦେଇଥିବ ସେ ଚାଉଳ ବଣ୍ଟନ ଟେଣ୍ଡରରେ ଭାଗ ନେଇପାରିବେ ନାହିଁ। କାରଣ ଚାଉଳ ହେରଫେର ହେବାର ସମ୍ଭାବନା ରହିଛି। ପୂର୍ବରୁ ଜିଲାର ୩ ବ୍ଲକ ଟିକାବାଲି, ଚକାପାଦ, ଜି.ଉଦୟଗିରି ସମେତ ଏନ୍‌ଏସିକୁ ଫୁଲବାଣୀ ଏଫ୍‌ସିଆଇ ଗୋଦାମରୁ ବିଭିନ୍ନ ଯୋଜନାରେ ଚାଉଳ ଯାଉଥିଲା। ମାତ୍ର ସମ୍ପୃକ୍ତ ନେତା କ୍ଷମତାର ଅପ ପ୍ରୟୋଗ କରି ସ୍ତ୍ରୀଙ୍କ ନାମରେ ଥିବା ଗୋଦାମ ଗୃହକୁ ଚାଉଳ ନେବାରେ ସକ୍ଷମ ହୋଇଥିଲେ। ଯାହାକୁ ଯୋଗାଣ ବିଭାଗ ସମର୍ଥନ କରିଥିଲା। ସେହିପରି ଚାଉଳ ମିଲରମାନଙ୍କଠାରୁ ଆଣି ଗୋଦାମ ଗୃହରେ ରଖିବା ପରେ ସେଠାରୁ ପଞ୍ଚାୟତକୁ ଯିବା କଥା। ମାତ୍ର ସମ୍ପୃକ୍ତ ଟ୍ରାନ୍ସପୋର୍ଟ କଳାହାଣ୍ଡି, ବଲାଙ୍ଗିରରୁ ଚାଉଳ ଆଣି କୋଟଗଡ ଏବଂ ତୁମୁଡିବନ୍ଧରେ ଥିବା ପଞ୍ଚାୟତକୁ ସିଧା ଯୋଗାଉଛି। ନିମ୍ନମାନର ଚାଉଳ ମଧ ଦିଆଯାଉଛି। ଯାହାକୁ ନେଇ ବହୁବାର ଅଭିଯୋଗ ହୋଇଛି। ଗୋଦାମ ଗୃହରେ ଯୋଗାଣ ବିଭାଗ ପକ୍ଷରୁ ଜଣେ କର୍ମଚାରୀ ନିଯୁକ୍ତ ଅଛନ୍ତି ମାତ୍ର ସେ କିଛି ତଦାରଖ କରୁନାହାନ୍ତି। ଡ୍ରାଇଭରଙ୍କ ସମ୍ମୁଖରେ ଗାଡି ସହ ଚାଉଳ ଓଜନ କରାଯାଉଛି। ବର୍ଷକୁ ଥରେ ଦରମା ସେମାନଙ୍କୁ ମିଳୁଛି। ଫଳରେ ସେମାନେ ମଧ ଚାଉଳ ହେରଫେର କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଉଭୟ ଲେଭଲ-୧ ଏବଂ ଲେଭଲ-୨ରେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଲେଭଲ-୨ ପାଇଁ ୧୦ଟି ବ୍ଲକ ଫାଇନାଲ ସରିଛି। ସମ୍ପୃକ୍ତ ଟ୍ରାନ୍ସପୋର୍ଟକୁ ୪ ବ୍ଲକରେ ସିଙ୍ଗଲ ଟେଣ୍ଡର ଦିଆଯିବାକୁ ପ୍ରସ୍ତୁତି ଶେଷ ହୋଇଛି। ଅଭିଯୋଗ ହେବାରୁ ଏବେ ପ୍ରଶାସନ ତାକୁ ଚାପି ରଖିବା ସହ କିଛି ଦିନ ଘୁଞ୍ଚାଇ ଦେଇଛି। ଜିଲା ପ୍ରଶାସନର ଏପରି କାର୍ଯ୍ୟକୁ ସବୁ ମହଲରେ ନିନ୍ଦା କରାଯାଇଛି।

ଏ ନେଇ ଜିଲା ଯୋଗାଣ ବିଭାଗ ଅଧିକାରୀ ସୁବୋଧ ମଲ୍ଲିକଙ୍କୁ ପଚାରିବାରୁ ୫ଟି ସିଙ୍ଗଲ ଟେଣ୍ଡର ହୋଇଥିଲା। ସରକାରଙ୍କ ଚିଠି ଆସିବାରୁ ତାକୁ ବାତିଲ କରାଯାଇ ପୁଣି ଟେଣ୍ଡର ଡକାଯିବ ବୋଲି କହିଛନ୍ତି।

## ବିଧାୟକ ପ୍ରତିନିଧି ହେଲେ ମନୋଜ

ଶଙ୍କରାଖୋଲ, ୨୬।୬ (ଡି.ଏନ୍.ଏ)

ଫୁଲବାଣୀ ନିର୍ବାଚନ ମଣ୍ଡଳୀର ଚକାପାଦ ବ୍ଲକ ପାଇଁ ବିଧାୟକ ପ୍ରତିନିଧି ରୂପେ ଆରାବାକା ଗ୍ରାମର ମନୋଜ ପ୍ରଧାନଙ୍କୁ ସ୍ଥାନୀୟ ବିଧାୟକ ଅଙ୍ଗଦ କହଁର ସୋମବାର ମନୋନୀତ କରିଛନ୍ତି। ସେ ବିଧାୟକଙ୍କ ଅନୁପସ୍ଥିତିରେ ଚକାପାଦ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ କରିବେ। ଏ ନେଇ ଚକାପାଦ ବିଡିଓ ଅନିଲ କୁମାର ପଟ୍ଟନାୟକଙ୍କୁ ଏକ ଚିଠି ସୋମବାର ବିଜେଡି କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଛି। ପରେ ବିଧାୟକ ପ୍ରତିନିଧି ପ୍ରଧାନ ବିଜେଡ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଧାୟକ କହଁରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କ୍ଷତ୍ରିୟ ସୁଦକୁଳ ସମାଜ ବାର୍ଷିକ ଅଧିବେଶନ


କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

ଫିରିଙ୍ଗିଆ,୨୬।୬

ଫିରିଙ୍ଗିଆ ବ୍ଲକ ନିଖିଳ ଉତ୍କଳ କ୍ଷତ୍ରୀୟ ସୁଦକୂଳ ସମାଜର ବାର୍ଷିକ ଅଧିବେଶନ ବନ୍ଧଗଡଠାରେ ଉଦ୍‌ଯାପିତ ହୋଇଯାଇଛି । ୩ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଲୋକଙ୍କୁ ସଚେତନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ କଳସୀ ସ୍ଥାପନ କରି ମା' ବରାଳ ଦେବୀଙ୍କୁ ଆବାହନ କରାଯାଇଥିଲା । କଳସ ଯାତ୍ରା, ଠାକୁର ଆବାହନ, ପରିଚୟ ପ୍ରଦାନ ପରେ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ପଞ୍ଚକୋଷ କେନ୍ଦ୍ରରେ ମାତୃ ମଞ୍ଚ ଗଠନ କରାଯିବା ଉପରେ ଉତ୍ତମ ଖମାରୀ ଗୁରୁତ୍ୱାରୋପ କରିଥିଲେ। ମାତୃମଞ୍ଚ ଗ୍ରାମରେ ଶିକ୍ଷା, ନିଶା ନିବାରଣ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନେବାକୁ ସମସ୍ତେ ନିଷ୍ପତ୍ତି ନେଇଥିଲେ । ଏହି ଅବସରରେ ୧୦ମ ଶ୍ରେଣୀରେ ଅଧିକ ନମ୍ବର ରଖି ପାସ କରିଥିବା କ୍ଷତ୍ରୀୟ ସୁଦକୁଳ ସମାଜର ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା । ବନ୍ଧଗଡରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ଦମ୍ପତିଙ୍କ ପରିବାରକୁ ୧୦ ହଜାର ଟଙ୍କା ସହାୟତା ଦିଆଯାଇଥିଲା । ପଞ୍ଚକୋଷ କେନ୍ଦ୍ର ସଭାପତି ରମାକାନ୍ତ ଦଳବେହେରା, ସମ୍ପାଦକ ଗୋପୀନାଥ ଭୁକ୍ତା, ସହ ସମ୍ପାଦକ ସଞ୍ଜୀବ କୁମାର ବିଶୋଇ, କୋଷାଧକ୍ଷ ବଳରାମ ବିଶୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଦୁର୍ଘଟଣା ଅପରାଧ ପାଇଁ ନିଶା ଦାୟୀ

ଫୁଲବାଣୀ ଅଫିସ,୨୬।୬

ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନ ପରିସରରେ ଜିଲାସ୍ତରୀୟ ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଯୋଗଦେଇ ନିଶାର କୁ ପ୍ରଭାବ ଏବଂ ସମାଜରେ ଏଥିପାଇଁ ଘଟୁଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ୯୦ ପ୍ରତିଶତ ଦୁର୍ଘଟଣା ଓ ଅପରାଧ କେବଳ ନିଶା ପାଇଁ ହେଉଥିବା କହିଥିଲେ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଜିଲା ଅବକାରୀ ବିଭାଗର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା। ଏହାପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବଳରାମ ସେଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସମୀର କୁମାର ଦାସ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ପ୍ରସନ୍ନ କୁମାର ତ୍ରିପାଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋସ୍ୱିନୀ ମିଶ୍ର, ଅବକାରୀ ଅଧୀକ୍ଷକ ବିମ୍ବାଧର ସେଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭୂଜଙ୍ଗ ଭୁଷଣ ରାଓ, ପ୍ରଜାପିତା ବ୍ରହ୍ମକୁମାରୀର ଭଉଣୀ ଗୀତା ପ୍ରମୁଖ ଯୋଗଦେଇ ନିଶା ସେବନର କୁପରିଣାମ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ନିଶା ଛାଡିଥିବା ୧୦ ଜଣ ବ୍ୟକ୍ତିଙ୍କୁ ପ୍ରଜାପତି ବ୍ରହ୍ମକୁମାରୀ ପକ୍ଷରୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର ଅଧିକାରୀ ଅକ୍ଷୟ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାଡ଼ିଙ୍ଗିଆରେ ମାଓବାଦୀ ବ୍ୟାନର


ଘାଟି ରାସ୍ତାରେ ଲାଗିଥିବା ମାଓବାଦୀ ବ୍ୟାନର।

ଫିରିଙ୍ଗିଆ,୨୬।୬

ଫିରିଙ୍ଗିଆ ବ୍ଲକ ସାଡ଼ିଙ୍ଗିଆ ପଞ୍ଚାୟତ ଲେଣ୍ଡ୍ରିଗାଁ ପାଖ ଘାଟି ରାସ୍ତାରେ ମାଓବାଦୀମାନେ ବ୍ୟାନର ଲଗାଇଛନ୍ତି। ଦୁର୍ଗମ ଅଞ୍ଚଳରେ ଏହି ବ୍ୟାନର ଦେଖାଯାଇଥିବାରୁ ଲୋକେ ଭୟଭୀତ ହୋଇଛନ୍ତି। ସରକାରୀ ଦମନ, ଜନସାଧାରଣଙ୍କ ଉପରେ ପୋଲିସ ଦମନ ବନ୍ଦ କରିବା, ନିଜର ହକ୍ ପାଇଁ ଲଢ଼େଇ କରିବାକୁ ସ୍ଥାନୀୟ ଲୋକଙ୍କୁ ମାଓବାଦୀମାନେ ଉକ୍ତ ବ୍ୟାନର ମାଧ୍ୟମରେ ଆହ୍ୱାନ ଦେଇଛନ୍ତି। ସରକାର ଓ ପୋଲିସ ଦମନ ବିରୋଧରେ ୨୪ ଘଣ୍ଟିଆ ବନ୍ଦ ପାଳନରେ ସାମିଲ ହେବାକୁ ଲେଖାଯାଇଥିଲା। ଶେଷରେ ଭାକପା ମାଓବାଦୀ ବୋଲି ଉଲ୍ଲେଖ ରହିଛି।

### ଦୁର୍ଘଟଣାରେ ଦାଦା-ପୁତୁରାଙ୍କ ମୃତ୍ୟୁ ଘଟଣା

## ଫେରାର ଟ୍ରାକ୍ଟର ଚାଳକ ଗିରଫ

ଦାରିଙ୍ଗବାଡ଼ି,୨୬।୬(ଡି.ଏନ.ଏ.)

ଦାରିଙ୍ଗବାଡ଼ି ଥାନା ସୁଲୁମାହା ଘାଟିରେ ଶୁକ୍ରବାର ଟ୍ରାକ୍ଟର ଧକ୍କାରେ ଦାଦା-ପୁତୁରାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ବୁଧବାର ଫେରାର ଟ୍ରାକ୍ଟର ଚାଳକଙ୍କୁ ପୋଲିସ ଗିରଫ କରିଛି । ଗିରଫ ଟ୍ରାକ୍ଟର ଚାଳକ ହେଲେ ଅଶ୍ୱିନୀ ମଲ୍ଲିକ। ସେ ଦାରିଙ୍ଗବାଡ଼ିରେ ବୁଲୁଥିବା ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ଗୋପାଳକୃଷ୍ଣ ଆଗୁପାତ୍ର କହିଛନ୍ତି। ଅଶ୍ୱୀନଙ୍କ ନାମରେ ନଂ.୬୨/୧୯ରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ସୂଚନାଯୋଗ୍ୟ ଯେ, ଘଟଣାଦିନ ଡବୁଲୁମାହା ଗ୍ରାମର କିଳିମୟ ଏବଂ ତାଙ୍କ ପୁତୁରା ଶୁଭମ(୯) ବାଡାବାଙ୍ଗା ଅଞ୍ଚଳରୁ ଶ୍ରୀନିକେତା ଦେଇ ନିଜ ଗ୍ରାମକୁ ଏକ ନମ୍ବର ବିହୀନ ବାଇକରେ ଫେରୁଥିଲେ। ବିପରିତ ଦିଗରୁ ଦାରିଙ୍ଗବାଡି ଅଭିମୁଖେ ଆସୁଥିବା ଏକ ନମ୍ବର ବିହୀନ ଟ୍ରାକ୍ଟର ସୁଲୁମାହା ଘାଟିରେ ବାଇକ ଆରୋହୀଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଘଟଣା ସ୍ଥଳରେ ପୁତୁରା ଶୁଭମଙ୍କ ମୃତ୍ୟୁ ହୋଇଥିବାବେଳେ କିଳିମୟଙ୍କର ବ୍ରହ୍ମପୁର ନେବାର ବାଟରେ ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ ହୋଇ ପରେ ପ୍ରତିଶ୍ରୁତି ପାଇ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ସମବାୟ ସମିତିରେ ଖୋଲିବ ହଳଦୀ, ଖଲି ପ୍ରୋସେସିଂ ୟୁନିଟ୍

ଜି.ଉଦୟଗିରି,୨୬।୬(ଡି.ଏନ.ଏ.)

ଜି.ଉଦୟଗିରି ଲ୍ୟାମ୍ପ ସମବାୟ ସମିତି ହଳଦୀ ଓ ଖଲି ପ୍ରୋସେସିଂ ୟୁନିଟ୍ ଖୋଲିବା ସହିତ ଚାଷୀମାନଙ୍କ ପାଇଁ ସାର ବିକ୍ରୟ କରିବାକୁ ନିଷ୍ପତ୍ତି ନେଇଛି । ଲ୍ୟାମ୍ପ ସଭାପତି ସଚ୍ଚିଦାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଲ୍ୟାମ୍ପ ନିର୍ଦ୍ଦେଶକ ଶିଶିର କାନ୍ତ ତ୍ରିପାଠୀ ଆୟବ୍ୟୟ ପାଠ କରିବା ସହ ଆଗାମୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସମବାୟ ସମିତି ନିଷ୍ପତ୍ତି ପ୍ରକାରେ, ୬୭ ଜଣ ଚାଷୀଙ୍କୁ ଖରିଫ ଚାଷ ପାଇଁ ୧ କୋଟି ୬୪ ଲକ୍ଷ ଟଙ୍କାର ଋଣ, ୪ ଗ୍ରୁପକୁ ବ୍ୟବସାୟ କରିବାକୁ ୫୦ ହଜାର ଟଙ୍କା ଋଣ ଦେବାକୁ ସ୍ଥିର କରିଛି।


ଉପସ୍ଥିତ ଲ୍ୟାମ୍ପ ସମବାୟ ସମିତି କର୍ମକର୍ତ୍ତା।

ସରକାର ଚାଷୀଙ୍କୁ ୨ କୋଟି ୫୦ ଲକ୍ଷ ଟଙ୍କା ଋଣ ଦେଉଥିବା ବେଳେ ସମିତି ୩ କୋଟି ଋଣ ଦେବା ପାଇଁ ସ୍ଥିର କରିଛି । ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଜେ ସାର ବିକ୍ରୟ କରିବା ସହିତ ସମବାୟ ସମିତିରେ ହଳଦୀ ଏବଂ ଖଲି ପ୍ରୋସେସିଂ ୟୁନିଟ ଖୋଲିବା ପାଇଁ ସ୍ଥିର କରିଛି । ବୈଠକରେ ଆମୋସ ଚନ୍ଦ୍ର ନାୟକ, ଦେବନାଥ ଦଳ ବେହେରା, ରିଙ୍କୁ ଦଳ ବେହେରା, ବଳରାମ ତ୍ରିପାଠୀ, ପ୍ରାର୍ଥନା ପ୍ରଧାନ, ଯସିତ ପ୍ରଧାନ, ଆମୋଦ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଭିନ୍ନ ଦାବି ନେଇ ରାସ୍ତାରୋକୋ



ଦଡକୀ ଛକରେ ରାସ୍ତାରୋକୋ କରାଯାଇଛି ।

ଫୁଲବାଣୀ ଅଫିସ, ୨୬।୬

ଫୁଲବାଣୀ ବ୍ଲକ ଦଡକି ଛକଠାରେ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଦଡକୀ, ଜାମଝରୀ ଓ କଟ୍ରିଙ୍ଗିଆ ପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକେ ରାସ୍ତାରୋକୋ କରିଥିଲେ। ଜିଲା ସଦର ମହକୁମାଠାରୁ ମାତ୍ର ୮ କିମି ଦୂରରେ ଏସବୁ ପଞ୍ଚାୟତ ଥିଲେ ମଧ ଆଜି ପର୍ଯ୍ୟନ୍ତ ମୋବାଇଲ ଫୋନ ସେବା ମିଳୁନାହିଁ। ଅନେକ ଗ୍ରାମକୁ ପକ୍କା ରାସ୍ତା ନାହିଁ। ଆମ୍ବୁଲାନ୍ସ ଗ୍ରାମକୁ ଯାଇ ପାରୁନାହିଁ। କେତେକ ସ୍ଥାନରେ ରୋଗୀମାନଙ୍କୁ ଖଟିଆରେ ବୋହି ଆଣିବାକୁ ପଡୁଛି। ଅଧିକାଂଶ ସମୟ ଏହି ଅଞ୍ଚଳରେ ବିଦ୍ୟୁତ୍ କାଟ ହେଉଛି। ଏଏନ୍‌ଏମ୍ ଠିକ୍ ଭାବେ ସେଣ୍ଟରକୁ ଆସୁନାହାନ୍ତି। ଏସବୁ ମୌଳିକ ସମସ୍ୟା ସମାଧାନ ପାଇଁ ବହୁବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ହେଁ କିଛି ପଦକ୍ଷେପ ନିଆଯାଉନି। ତେଣୁ ବାଧହୋଇ ଦଡକୀ ଛକ ଠାରେ ଟାୟାର ଜାଳି ଫୁଲବାଣୀ-ଗୋଚ୍ଛାପଡା ରାସ୍ତା ଅବରୋଧ କରିଥିଲେ। ତୁରନ୍ତ ମୋବାଇଲ ସେବା ପ୍ରଦାନ ପାଇଁ ଟାୱାର ନିର୍ମାଣ, ଏହି ସବୁ ପଞ୍ଚାୟତର କଚ୍ଚା ରାସ୍ତାକୁ ପକ୍କା କରିବା, ବିଦ୍ୟୁତ୍ କାର୍ଯ୍ୟାଳୟ ଖୋଲିବା, ଏଏନ୍‌ଏମ୍ ନିୟମିତ ସେଣ୍ଟରକୁ ଆସିବା ଆଦି ଦାବି କରିଥିଲେ। ପୋଲିସ, ଫୁଲବାଣୀ ବିଡିଓ, ବିଏସ୍‌ଏନ୍‌ଏଲ୍‌ର ଏସ୍‌ଡିଓ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକୋ ହଟିଥିଲା।

# ସୁଧୁରୁନି ପରିବହନ ବ୍ୟବସ୍ଥା, ବଢୁଛି ଦୁର୍ଘଟଣା

### ବସ୍ ଛାତ ଉପରେ ବୁହା ହେଉଛନ୍ତି ଯାତ୍ରୀ

ଦାରିଙ୍ଗବାଡ଼ି,୨୬।୬(ଡି.ଏନ.ଏ.)

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି। ଏନେଇ ପୋଲିସ ଏବଂ ଆଞ୍ଚଳିକ ପରିବହନ ବିଭାଗର ଚିନ୍ତା ବଢିଯାଇଛି । ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଅଭାବ ସହ କର୍ମଚାରୀ ଅଭାବ ଦର୍ଶାଇ ଗାଡ଼ି ମୋଟର ଯାଞ୍ଚ ନହେବା ଦୁର୍ଘଟଣାର ଏକ ପ୍ରମୁଖ କାରଣ ବୋଲି ଅଭିଯୋଗ ହେଉଛି। ବିଭିନ୍ନ ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ସହର ସହ ଯୋଡ଼ି ହେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସରକାରୀ ବସ ଚଳାଚଳକୁ ଗୁରୁତ୍ୱ ଦିଆଯାଇଛି। ଉକ୍ତ ବ୍ଲକର କାଟିଙ୍ଗିଆ ଏବଂ ହାତିମୁଣ୍ଡା, ଦାରିଙ୍ଗବାଡ଼ିକୁ ଜିଲା ହେଡ୍‌କ୍ୱାର୍ଟର ସହ ଯୋଡିବା ଏବଂ ଅଞ୍ଚଳବାସୀ ଜିଲା ମୁଖ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଯାତାୟତ ପାଇଁ ପ୍ରଶାସନ ପକ୍ଷରୁ ସରକାରୀ ବସ୍ ଯୋଗାଇ ଦିଆଗଲା।


ସରକାରୀ ବସ ଛାତ ଉପରେ ବିପଦପୂର୍ଣ୍ଣ ଯାତ୍ରା।

କିନ୍ତୁ ଏହାର ତଦାରଖ ଠିକ ଭାବେ କରାଯାଉ ନ ଥିବାରୁ ପରିବହନରେ ତ୍ରୁଟି ଦେଖାଯାଉଛି। ବସ୍ ଚାଳକଙ୍କ ସମେତ କଣ୍ଡକ୍ଟର ଏବଂ ହେଲପରଙ୍କ ୟୁନିଫର୍ମ କୋର୍ଡକୁ କଡ଼ାକଡ଼ି ପାଳନ କରାଯାଉନଥିବା ବେଳେ ପରିବହନ ବେଳେ ଯାତ୍ରୀଙ୍କୁ ବସ ଛାତ ଉପରେ ବିପଦସଙ୍କୁଳ ଅବସ୍ଥାରେ ନିଆଯାଉଛି। ସେହିପରି ନାବାଳକଙ୍କୁ ମଧ ହେଲପର ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଉଛି। ଏଥିପାଇଁ ପୋଲିସ କିମ୍ବା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କଟକଣା ରହିଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ଚିନ୍ତା ବୃଦ୍ଧି ପାଉଥିବା ସାମାଜିକକର୍ମୀ ସୁରେଶ ବଳିଆରସିଂ କହିଛନ୍ତି। ଏନେଇ ଏମ୍‌ଭିଆଇ ଗତିକୃଷ୍ଣ ସାମନ୍ତରାୟଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଏବେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପଦବୀ ଖାଲି ରହିଥିବା ସହ କର୍ମଚାରୀ ଅଭାବ ଦେଖାଯାଇଛି। ତଥାପି ବିଭିନ୍ନ ସ୍ଥାନରେ ବ୍ଲକିଂ କରି ଯାନବାହନ ଯାଞ୍ଚ କରାଯିବା ସହ ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯାଉଛି। ସେହିପରି ଅଞ୍ଚଳରେ ଟ୍ରାକ୍ଟର ସମେତ ଅଟୋ ଗୁଡ଼ିକ ମଧ ବୃଦ୍ଧି ପାଇବା ସହ ଦୁର୍ଘଟଣା ବୃଦ୍ଧି ପାଉଛି। ସୂଚନାଯୋଗ୍ୟଯେ ଶୁକ୍ରବାର ଗୋଟିଏ ଟ୍ରାକ୍ଟର ବାଇକ୍‌କୁ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ଶନିବାର ଏନେଇ ଜାତୀୟରାଜପଥ ଅବରୋଧ ହୋଇଥିଲା। ବାଲିଗୁଡ଼ା ଏସ୍‌ଡିପିଓ ବିନିତ ଅଗ୍ରୱାଲ ପହଞ୍ଚି ସମାଧାନ କରିଥିଲେ। ସେହିଦିନ ମଧ ଅଞ୍ଚଳବାସୀ ଦୁର୍ଘଟଣା ବୃଦ୍ଧି ପାଉଥିବା ସମ୍ପର୍କରେ ଅବଗତ କରାଇଥିଲେ। ଏସ୍‌ଡିପିଓ ଅଗ୍ରୱାଲ ଅଞ୍ଚଳରେ ଦୁର୍ଘଟଣା କମାଇବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ଜୁନ୍ ୨୭/୨୦୧୯ Berhampur, Thursday, June 27/ 2019

## ସଂକ୍ଷେପରେ

### ବନ୍ଦ ହେବ ୨ ବିଦ୍ୟାଳୟ

ଧରାକୋଟ,୨୬।୬(ଡି.ଏନ.ଏ.) ସରକାରୀ ବିଦ୍ୟାଳୟରୁ ମୁହଁ ଫେରାଇ ଅଭିଭାବକମାନେ ଘରୋଇ ବିଦ୍ୟାଳୟରେ ନିର୍ଭର କରୁଛନ୍ତି। ତେଣୁ ୧୦ରୁ କମ୍ ପିଲା ଏବଂ ଭିତ୍ତିଭୂମି ସୁଦୃଢ଼ ନ ଥିବା ରାଜ୍ୟର ୯୬୬ ବିଦ୍ୟାଳୟ ବନ୍ଦ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସେଥିରୁ ଧରାକୋଟ ପଞ୍ଚାୟତର ପୁରାତନ ବାଳକ ପ୍ରାଥମିକ ବିଦ୍ୟାଳୟ ଓ ଝରପାରି ପଞ୍ଚାୟତର ପାଟମୋହି ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯିବ। ପିଲାଙ୍କୁ ସରକାରୀ ବିଦ୍ୟାଳୟ ଆଡ଼କୁ ଆକୃଷ୍ଟ କରିବା ପାଇଁ ସମଗ୍ର ଶିକ୍ଷା ଯୋଜନା ମାଧ୍ୟମରେ ଟିଉଶନ ଫିଜ୍ ମାସିକ ପ୍ରଦାନ, ୭୦ ପ୍ରତିଶତ ଉପସ୍ଥାନ ପାଇଁ ଆର୍ଥିକ ପୁରସ୍କାର, ସରକାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକ ଟିଉଶନ କରିପାରିବେ ନାହିଁ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଗଷ୍ଟ ୧୫ ତାରିଖ ସୁଦ୍ଧା ସ୍କୁଲ ବ୍ୟାଗ, ପୋଷାକ, ଜୋତା ଏବଂ ବହି ଦେବାକୁ ନିଷ୍ପତ୍ତି ନେଇଛନ୍ତି।

■ଶିକ୍ଷା ବିଭାଗର ଦାୟିତ୍ୱହୀନତା

# ଶ୍ରେଣୀଗୃହ ଅଭାବ, ବାରଣ୍ଡାରେ ପଢୁଛନ୍ତି ପିଲା

ରଞ୍ଜୟ ପାଣିଗ୍ରାହୀ
ହାତୀଓଟ,୨୬।୬

**ଶିକ୍ଷା ଅଧିକାରୀଙ୍କ ପାଖରେ ଖବର ନାହିଁ**


ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରମାନେ ସ୍କୁଲ ବାରଣ୍ଡାରେ ବସି ପାଠ ପଢୁଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାର ସରକାରୀ ସ୍କୁଲ ଗୁଡିକରେ କିପରି ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଅଧିକ ହେବ ସେ ନେଇ ବିଭିନ୍ନ ଯୋଜନା କରିଛନ୍ତି। ଗାଁ ଗହଳିର ଛାତ୍ରୀଛାତ୍ରମାନେ ପାଠପଢା ପ୍ରତି ଆଗ୍ରହ ପ୍ରକାଶ କରି ଅଧିକରୁ ଅଧିକ ଯେପରି ଆକୃଷ୍ଟ ହେବେ ସେଥିପାଇଁ ସର୍ବଶିକ୍ଷା ଅଭିଯାନଠାରୁ ଆରମ୍ଭ କରି ମୋ ସ୍କୁଲ୍ ଶ୍ରେଷ୍ଠ ସ୍କୁଲ୍, ବେଟି ପଢାଓ ବେଟି ବଚାଓ ଯୋଜନାମାନ ପ୍ରଣୟନ କରିଛନ୍ତି। କିନ୍ତୁ ଶିକ୍ଷା ବିଭାଗର ଦାୟିତ୍ୱହୀନତା ଓ ଆଗ୍ରହ ନ ଥିବା ଭଳି ଦେଖିବାକୁ ମିଳିଛି। ଗଞ୍ଜାମ ଜିଲା ପୋଲସରା ବ୍ଲକ ମନ୍ଦାର ନିକଟସ୍ଥ ଅରଖପୁର ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟ ୧୯୧୯ ରେ ଅରଖପୁର ଗ୍ରାମ ବନ୍ଧ ନିକଟରେ ସ୍ଥାପିତ ହୋଇଛି। ସ୍କୁଲ ଆରମ୍ଭଠାରୁ ୨୦୧୨ ମସିହା ପର୍ଯ୍ୟନ୍ତ ଏହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ପ୍ରଥମ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ତାହା ଉନ୍ନୀତ ବିଦ୍ୟାଳୟ ହୋଇ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ହୋଇଛି। ଏହି ସ୍କୁଲରେ ବର୍ତ୍ତମାନ ୨୨୫ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ୮ଜଣ ଶିକ୍ଷକ ରହିଛନ୍ତି। ବର୍ତ୍ତମାନ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ଓ ଲାଇବ୍ରେରି ନ ଥିବା ବେଳେ ବହୁବର୍ଷ ଧରି ଏହି ଶ୍ରେଣୀଗୃହ ଅଭାବ ଲାଗି ରହିଛି। ଶୀତ, ବର୍ଷା ଓ ଖରାରେ ବର୍ଷ ବର୍ଷ ଧରି ଛାତ୍ରୀଛାତ୍ରମାନେ ସ୍କୁଲ ବାରଣ୍ଡାରେ ବସି ପାଠ ପଢିବାକୁ ବାଧ ହେଉଛନ୍ତି। ସୀମାଞ୍ଚଳ ଜାନି ୨୦୧୦ ରୁ ୨୦୧୪ ମସିହା ପର୍ଯ୍ୟନ୍ତ ପ୍ରଧାନଶିକ୍ଷକଭାବେ କାର୍ଯ୍ୟକରି ଆସୁଥିଲେ। କିନ୍ତୁ ହଠାତ୍ ସେ ଜଗନ୍ନାଥପ୍ରସାଦ ବ୍ଲକକୁ ଏବିଇଓ ଭାବେ ବଦଳି ହୋଇଯିବାରୁ ତାଙ୍କ ସ୍ଥାନରେ ବର୍ତ୍ତମାନ ସୁଦ୍ଧା କାହାକୁ ନିଯୁକ୍ତି ଦିଆଯାଇ ନାହିଁ। ଏହି ପଦବୀ ଖାଲି ପଡିଥିବା ବେଳେ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଭାବେ ସୁଦର୍ଶନ ପାତ୍ର ୨୦୧୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପାତ୍ର କୁହନ୍ତି, ଶ୍ରେଣୀଗୃହ ଅଭାବ ନେଇ ବାରମ୍ବାର ବିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆମର ଏହି ସ୍କୁଲରେ ଅଭାବ ଥିବା ଶ୍ରେଣୀଗୃହ ନିର୍ମାଣ ହୋଇପାରୁନାହିଁ। ତେବେ ଆମକୁ ଖରାପ ଲାଗୁଛି ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ବାରଣ୍ଡାରେ ବସି ପାଠ ପଢାଇବାକୁ। କିନ୍ତୁ ଶ୍ରେଣୀଗୃହ ଅଭାବ ଯୋଗୁ ବାଧ୍ୟ ବାଧକତାରେ ପିଲାମାନଙ୍କୁ ପଢାଇ ଆସୁଛୁ। ବହୁବର୍ଷ ଧରି ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ରମାନେ ବାରଣ୍ଡାରେ ପାଠ ପଢି ଆସୁଥିବା ସମ୍ପର୍କରେ ବିଇଓ ରସାନନ୍ଦ କରଙ୍କୁ ପଚାରିବାରୁ ସେ କୁହନ୍ତି, ଏହା ମୋ ଦୃଷ୍ଟିକୁ ଆସିନାହିଁ, ଆସିଲା ପରେ ମୁଁ ଆପଣଙ୍କୁ କହିବି। ପ୍ରଶ୍ନ ଉଠୁଛି, ଏଠି ଶିକ୍ଷା ବିଭାଗ କେତେ ସଜାଗ। ବହୁବର୍ଷ ଧରି ଅଭାବ ରହିଥିବା ଶ୍ରେଣୀଗୃହ ନ ମିଳିବାରୁ ଛାତ୍ରୀଛାତ୍ରମାନେ ସ୍କୁଲ ବାରଣ୍ଡାରେ ବସି ପଢୁଛନ୍ତି। କିନ୍ତୁ ଶିକ୍ଷା ବିଭାଗ ଅଧିକାରୀ କହୁଛନ୍ତି, ମୋ ପାଖରେ ଖବର ନାହିଁ। ପ୍ରଶାସନ ତୁରନ୍ତ ଏ ବିଷୟରେ ଅନୁସନ୍ଧାନ କରି ବହୁବର୍ଷ ଧରି ସ୍କୁଲ ବାରଣ୍ଡାରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନଙ୍କ ସ୍କୁଲଗୃହ ନିର୍ମାଣ କରାଗଲେ ଛାତ୍ରୀଛାତ୍ରମାନେ ଖରା, ବର୍ଷା, ଶୀତରେ ସ୍କୁଲ ବାରଣ୍ଡାରେ ବସି ପଢିବାରୁ ନିବୃତ୍ତ ରହିବା ସହ ତୁରନ୍ତ ଜିଲା ପ୍ରଶାସନ ଏ ବିଷୟରେ ହସ୍ତକ୍ଷେପ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଦୁର୍ଘଟଣାରେ ଦମ୍ପତି ଗୁରୁତର

ସୋରଡା,୨୬।୬(ଡି.ଏନ୍.ଏ.): ସ୍ଥାନୀୟ ଜରଉ ବ୍ରିଜ୍ ଉପରେ ମଧ୍ୟାହ୍ନରେ ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଗୋଟିଏ ବାଇକରେ ଥିବା ଜନୈକ ଦମ୍ପତି ଗୁରୁତର ହୋଇଥିବାବେଳେ ଅନ୍ୟ ବାଇକ ଚାଳକ ଆହତ ହୋଇଛନ୍ତି। ମୟାଙ୍ଗି ଗ୍ରାମର କାର୍ତ୍ତିକ ସ୍ୱାଇଁ ସ୍ତ୍ରୀ ସୁମତିଙ୍କ ସହ ଆସିକାରୁ ସୋରଡା ବାଇକରେ ଫେରୁଥିବାବେଳେ ଡିମିରିପଙ୍କାଳ ଗ୍ରାମର ବାଇନାଥ ନାଇକ ଓ ନିରାକାର ନାୟକ ବଡଗଡ ଅଭିମୁଖେ ଯାଉଥିଲେ। ଜରଇ ଶଙ୍କର ଉପରେ ଉଭୟ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। କାର୍ତ୍ତିକ ଓ ସୁମତି ଗୁରୁତର ଆହତ ହୋଇଥିଲେ। ଏଏସ୍ଆଇ ତ୍ରିନାଥ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ବ୍ରହ୍ମପୁର ପଠାଇଥିବାବେଳେ ବାଇକ ୨ଟିକୁ ଜବତ କରିଛନ୍ତି। ବାଇନାଥଙ୍କର ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି।

### ଜଗଦମ୍ବା ସରସ୍ୱତୀଙ୍କ ସ୍ମୃତି ଦିବସ

ଛତ୍ରପୁର,୨୬।୬(ଡି.ଏନ.ଏ.) ଛତ୍ରପୁର କଳ୍ପବାସୀ ନଗରସ୍ଥିତ ଶାନ୍ତି ଅନୁଭୂତି ଭବନରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଜଗଦମ୍ବା ସରସ୍ୱତୀଙ୍କ ୫୪ ତମ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ କୁମାର ମହାରଣା ଯୋଗଦେଇ ଆପୋଷ ସହଯୋଗରେ ସୁସ୍ଥ ଓ ସୁରକ୍ଷିତ ସମାଜ ଗଠନ ସମ୍ଭବ ବୋଲି କହିଥିଲେ। ସମ୍ମାନିତ ଅତିଥି ସମର୍ଥ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ କେ. ଆନନ୍ଦ ରାଓ ତାଙ୍କ ବକ୍ତବ୍ୟରେ ଜଗଦମ୍ବା ସରସ୍ୱତୀଙ୍କ ଆଧ୍ୟାତ୍ମିକ ଜୀବନୀ ଉପରେ କହିଥିଲେ। ବ୍ରହ୍ମାକୁମାରୀ ସଂସ୍ଥାର କେନ୍ଦ୍ର ସଞ୍ଚାଳିକା ବିଜୟଲକ୍ଷ୍ମୀ, ରାଜଯୋଗୀ ସୂର୍ଯ୍ୟନାରାୟଣ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବ୍ରହ୍ମାକୁମାରୀ ପିଙ୍କି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଫେରାର ପ୍ରେମୀ ଯୁଗଳଙ୍କ ବାହାଘର

ବୁଗୁଡ଼ା,୨୬।୬(ଡି.ଏନ.ଏ.)

ବୁଗୁଡ଼ା ଥାନା ଅଞ୍ଚଳରେ ଗତ ଦୁଇମାସ ହେଲା ଫେରାର ଥିବା ପ୍ରେମୀ ଯୁଗଳଙ୍କ ବାହାଘର ସ୍ଥାନୀୟ ମନ୍ଦିରରେ ମଙ୍ଗଳବାର ରାତିରେ ସମ୍ପନ୍ନ ହୋଇଛି । ଉକ୍ତ ଥାନା ଅଞ୍ଚଳର ଜଣେ ଯୁବକ ସେଠାର ଜଣେ ଯୁବତୀଙ୍କୁ ଭଲ ପାଇ ୨ ମାସ ତଳେ ଫେରାର୍ ହୋଇଯାଇଥିଲେ। ଚେନ୍ନାଇରେ ପ୍ରାୟ ଏକ ମାସ ସେମାନେ ରହିଲା ପରେ ମାସେ ହେଲା ଦୁହେଁ ଗ୍ରାମକୁ ଫେରିଥିଲେ। ସେମାନଙ୍କର ବିବାହ କଥା ଉଠିଲା ବେଳେ ସମ୍ପୃକ୍ତ ଯୁବକ ବିବାହ କରିବାକୁ ମନା କରି ଦେଇଥିଲେ। ଏ ନେଇ ଯୁବତୀ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ତେବେ ଖଡାଳ ସମାଜର କର୍ମକର୍ତ୍ତାମାନେ ଏଥିରେ ହସ୍ତକ୍ଷେପ କରିଥିଲେ। ସମାଜର ଉଦ୍ୟମ ଫଳରେ ପ୍ରେମୀ ଯୁଗଳଙ୍କ ବିବାହ ହୋଇଥିଲା। ଏହି ବିବାହ ବିନା ଯୌତୁକରେ ସମ୍ପନ୍ନ ହୋଇଥିଲା। ବିବାହରେ ଘୁମୁସର ତାଲୁକ ଖଡାଳ ସମାଜର ସଭାପତି ସୁରେନ୍ଦ୍ର ନାଥ ନାଇକ, ବୁଗୁଡ଼ା ତାଲୁକା ସଭାପତି ବୈରାଗୀ ନାଇକ, ଜଗନ୍ନାଥପ୍ରସାଦ ତାଲୁକା ସଭାପତି ହଟି ନାଇକଙ୍କ ସମେତ ସମାଜର ଅନ୍ୟ କର୍ମକର୍ତ୍ତା ଓ ଗ୍ରାମବାସୀ ଯୋଗ ଦେଇଥିଲେ।

## ବାଲ୍ୟବିବାହ ବନ୍ଦ ପାଇଁ ସଚେତନତା କାର୍ଯ୍ୟକ୍ରମ

ଖଲ୍ଲିକୋଟ,୨୬।୬(ଡି.ଏନ.ଏ.)

ଖଲ୍ଲିକୋଟ ସହରସ୍ଥିତ ଭଲ୍ୟୁଣ୍ଟର ହେଲଥ୍ ଆସୋସିଏସନ ଅଫ୍ ଇଣ୍ଡିଆ ପକ୍ଷରୁ ବାଲ୍ୟ ବିବାହ ବନ୍ଦ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିବାହ ପିଲା ଖେଳ ନୁହେଁ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବକ ସଂଘ, ମହିଳା ସ୍ୱୟଂ ସହାୟକ ଦଳ, ଗାଁ କଲ୍ୟାଣ ସମିତି, ଗୋଷ୍ଠୀ ସ୍ତରୀୟ ସ୍ୱାସ୍ଥ୍ୟକର୍ମୀମାନଙ୍କ ସକ୍ରିୟ ସହାୟତାରେ ଖଲ୍ଲିକୋଟ ବ୍ଲକର ୧୨୨ ଗାଁରେ କିଶୋରୀ ଓ କିଶୋର ସଙ୍ଗଠନ କରାଯାଇ ସାଥୀଶିକ୍ଷକ ତାଲିମ ଦିଆଯାଇଛି। ବ୍ଲକର ସମସ୍ତ ପଞ୍ଚାୟତର କିଶୋରୀ ଓ କିଶୋର ପ୍ରତିନିଧିମାନେ ବିଭିନ୍ନ ସମସ୍ୟା ସମ୍ପର୍କିତ ଏକ ଦାବିପତ୍ର ପ୍ରସ୍ତୁତ କରିଥିଲେ। ସେଗୁଡ଼ିକ ହେଲା ଉଭୟ ଝିଅ ଓ ପୁଅ ନିମନ୍ତେ ଆଇନଗତ ବିବାହ ବୟସକୁ ସମାନ କରିବା, ଗ୍ରାମପଞ୍ଚାୟତ ସ୍ତରରେ ୱାର୍ଡମେମ୍ବର ବାଲ୍ୟ ବିବାହ ବନ୍ଦ ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ନେବା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କିଶୋରୀକିଶୋରମାନଙ୍କ ଲାଗି ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ବ୍ୟବସ୍ଥା, ବାଳିକାମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ବ୍ୟବସ୍ଥା, କିଶୋରୀ କିଶୋରମାନଙ୍କୁ ଗାଁ କଲ୍ୟାଣ ସମିତି ତଥା ଗ୍ରାମ ଓ ପଞ୍ଚାୟତସ୍ତରୀୟ ଅନ୍ୟ କମିଟିରେ ସଭ୍ୟ ଭାବେ ଅନ୍ତର୍ଭୁକ୍ତ କରିବା ଆଦି ରହିଛି। ଏହି ହେଲଥ ଆସୋସିଏସନ ପକ୍ଷରୁ କିଶୋରୀ କିଶୋରଙ୍କ ଆଭିମୁଖ୍ୟ ଓ ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ନିମନ୍ତେ 'ଯୁବବାର୍ତ୍ତା ଆମରି ସ୍ୱର' ନାମରେ ପତ୍ରିକା ପ୍ରକାଶ ପାଇଥିବା ଅନୁଷ୍ଠାନର ଗଞ୍ଜାମ ଜିଲା ମୁଖ୍ୟ ସତ୍ୟଜିତ ମହାପାତ୍ର ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତା ସୁବ୍ରତ କୁମାର ବିଶୋଇ, ସୁଦର୍ଶନ ବେହେରା, ଶିଶିର କୁମାର ବିଶ୍ୱାଳ, ମମତା ଦାସ ପ୍ରମୁଖ ପରିଚାଳନା କରିଥିଲେ।

## କାଜୁ ଫ୍ୟାକ୍ଟ୍ରିରୁ ଚୋରି

ବେଗୁନିଆପଡ଼ା,୨୬।୬(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକର ବୁରୁଝରି ପଞ୍ଚାୟତ କନ୍ୟାରିବାଡ଼ି ଗାଁର ଓମ୍ ଶାନ୍ତି କାଜୁ ଫ୍ୟାକ୍ଟ୍ରିରୁ ମଙ୍ଗଳବାର ରାତିରେ ଚୋରି ହୋଇଥିବା ସ୍ଥାନୀୟ ଫାଣ୍ଡିରେ ଅଭିଯୋଗ ହୋଇଛି। ଏତଲା କ୍ରମେ, ନଗଦ ୫୪ ହଜାର, କାଜୁ ୩୦୦ କେଜି ଚୋରି କରିବା ସହ ସିସି କ୍ୟାମେରା, ଏଲସିଡି ଓ ବିଦ୍ୟୁତ୍ ସାମଗ୍ରୀ ଭାଙ୍ଗି ଦୁର୍ବୃତ୍ତମାନେ ନଷ୍ଟ କରି ଦେଇଛନ୍ତି। ମାଲିକ ସନାତନ ମହାନ୍ତ ରାତିରେ ଫ୍ୟାକ୍ଟ୍ରିରେ ତାଲା ପକାଇ ଘରକୁ ଆସିଥିଲେ। ବୁଧବାର ସକାଳେ ଫ୍ୟାକ୍ଟ୍ରିକୁ ଯାଇ ଦେଖିଲା ବେଳେ ମୁଖ୍ୟ ଗେଟ, ଅଫିସ ଘର, ଗୋଦାମ ଗୃହର ତାଲା ଭାଙ୍ଗିବା ସହ ଖୋଲା ରହିଥିଲା। ଏ ନେଇ ସେ ସଙ୍ଗେ ସଙ୍ଗେ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

■ଭାଟକୁମରଡା ଆଦର୍ଶ ବିଦ୍ୟାଳୟ

## ଅଭିଭାବକ ସମ୍ମିଳନୀ, ପରିଚାଳନା କମିଟି ଚୟନ

ପୁରୁଷୋତ୍ତମପୁର,୨୬।୬(ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଭାଟକୁମରଡା ଆଦର୍ଶ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ ଓ ବିଦ୍ୟାଳୟ ପରିଚାଳନା ଏବଂ ଉନ୍ନୟନ କମିଟି ଚୟନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର ସଂଯୋଜନା କରିଥିବା ବେଳେ ସୀତାରାମ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ବହୁ ଅଭିଭାବକ ଯୋଗଦେଇ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଶିକ୍ଷକଙ୍କ ବଦଳି କରାଯାଇଥିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଶିକ୍ଷକ ଅଭାବରୁ ଶିକ୍ଷାଦାନ କ୍ଷେତ୍ରରେ ଘୋର ବ୍ୟାଘାତ ସୃଷ୍ଟି ହେବାର ଅଭିଯୋଗ କରି ତୁରନ୍ତ ଶିକ୍ଷକ ନିଯୁକ୍ତି ଲାଗି ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବା ଲାଗି ଦାବି କରିଛନ୍ତି। ଏଠାରେ ଯୁକ୍ତ ୨ ଶ୍ରେଣୀ ଖୋଲାଯାଇ ନ ଥିବାରୁ ଦଶମ ଶ୍ରେଣୀରେ ପାସ୍ କରିଥିବା ଛାତ୍ରୀଛାତ୍ରମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବହୁ ଗରିବ ଶ୍ରେଣୀର ଛାତ୍ରୀଛାତ୍ରମାନେ ସିବିଏସି ପାଠ୍ୟକ୍ରମ ଶିକ୍ଷା ଦାନରୁ ବଞ୍ଚିତ ହୋଇ ଥିବାରୁ ତୁରନ୍ତ ସରକାର ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯୁକ୍ତ ୨ ଶ୍ରେଣୀ ଖୋଲିବା ଲାଗି ଦାବି କରିଛନ୍ତି । ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା ଓ ବିଦ୍ୟାଳୟର ବହୁ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଶତପ୍ରତିଶତ ସଫଳତାକୁ ନେଇ ଅଭିଭାବକମାନେ ଅଧ୍ୟକ୍ଷ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଧନ୍ୟବାଦ ଦେଇ ଏହାର ଧାରା ବଜାୟ ରଖିବାକୁ ନିବେଦନ କରିଥିଲେ। ଜୁଲାଇ ୧ ତାରିଖଠାରୁ ଦଶମ ଶ୍ରେଣୀର ଅତିରିକ୍ତ ଶ୍ରେଣୀ କରାଯାଇ ଶିକ୍ଷାଦାନ କରାଯିବ ବୋଲି ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର ପ୍ରକାଶ କରିଛନ୍ତି । ଏହା ସହିତ ୨ବର୍ଷ ଲାଗି ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ଚୟନ କରାଯାଇଥିଲା। ଏଥିରେ ସୀତାରାମ ପାଣିଗ୍ରାହୀ, ସଧାରାଣୀ ଦାଶ, ଲକ୍ଷ୍ମୀଧର ବେହେରା, ସୁଷମା ପାତ୍ରଙ୍କୁ ମନୋନୀତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ବିସ୍ମିକା ମହାନ୍ତି, ରଷି ପରିଡା, ପ୍ରତିଭା ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।







2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ